# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୧୨୩୦୦ ତା ୦୨-୩-୨୬ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୨୫.୦୨.୨୦୨୬ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୨୫.୦୨.୨୦୨୬ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ 2/3/26
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୧୨୩୦୧ /ତା ୦୨-୩-୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ 2/3/26
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୨୩୦୨ /ତା ୦୨-୩-୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 2/3/26
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୨୩୦୩ /ତା ୦୨-୩-୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ୍)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି (ପାର୍କିଙ୍ଗ୍)/ ଡ଼ି.ସି (ଗୃହ ଟିକସ)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ 2/3/26
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସାଧାରଣ ବୈଠକ ବିବରଣୀ

ତା.୨୫.୦୨.୨୦୨୬ ରିଖ ✸ ସମୟ: ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ✸ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେ଼ପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ ନଂ-୦୩ |
| ୬. | ମିନୁଶ୍ରୀ ଖୁଂଟିଆ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ ନଂ-୦୭ |
| ୯. | ଲାଲ୍ ମୋହନ ଟୁଡୁ | ୱାର୍ଡ ନଂ-୦୮ |
| ୧୦. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୧. | ସେକ୍ ନୁରହାସନ୍ | ୱାର୍ଡ ନଂ-୧୦ |
| ୧୨. | ପ୍ରଭାସିନି ମହାନ୍ତି | ୱାର୍ଡ ନଂ-୧୧ |
| ୧୩. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୪. | ଇତିଶ୍ରୀ ଦାସ | ୱାର୍ଡ ନଂ-୧୩ |
| ୧୫. | ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୬. | ପିଙ୍କି ସ୍ୱାଇଁ | ୱାର୍ଡ ନଂ-୧୫ |
| ୧୭. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ ନଂ-୧୬ |
| ୧୮. | ପୂଜା ମହାରଣା | ୱାର୍ଡ ନଂ-୧୭ |
| ୧୯. | ବିପ୍ଲବ ବେହେରା | ୱାର୍ଡ ନଂ-୧୮ |
| ୨୦. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୧. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୦ |
| ୨୨. | କିରଣବାଳା ମାଝୀ | ୱାର୍ଡ ନଂ-୨୩ |
| ୨୩. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ |
| ୨୪. | ଭାରତୀ ସିଂ | ୱାର୍ଡ ନଂ-୨୬ |
| ୨୫. | ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ ନଂ-୨୭ |
| ୨୬. | ଝରଣାରାଣୀ ପତି | ୱାର୍ଡ ନଂ-୨୮ |
| ୨୭. | ରାଜକିଶୋର ଦାସ | ୱାର୍ଡ ନଂ-୩୦ |
| ୨୮. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୨୯. | ଧରିତ୍ରୀ ଜେନା | ୱାର୍ଡ ନଂ-୩୩ |
| ୩୦. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୧. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୨. | ଅଲିଅଲି ମଲ୍ଲିକ୍ | ୱାର୍ଡ ନଂ-୩୬ |
| ୩୩. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ ନଂ-୩୮ |
| ୩୪. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୫. | ଅସିୟା ବେଗମ୍ | ୱାର୍ଡ ନଂ-୪୦ |
| ୩୬. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୩୭. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ ନଂ-୪୨ |
| ୩୮. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୩୯. | ଅଜିତ୍ ବେହେରା | ୱାର୍ଡ ନଂ-୪୪ |
| ୪୦. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୧. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୨. | ସମିତା ମହାନ୍ତି | ୱାର୍ଡ ନଂ-୪୭ |
| ୪୩. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ |
| ୪୪. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୫. | ରାମଚନ୍ଦ୍ର ରଣସିଂହ | ୱାର୍ଡ ନଂ-୫୦ |
| ୪୬. | ବିନୟିନୀ ଜେନା | ୱାର୍ଡ ନଂ-୫୧ |
| ୪୭. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୮. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୪୯. | ଶିବ ପ୍ରସାଦ ବେହେରା | ୱାର୍ଡ ନଂ-୫୪ |
| ୫୦. | କେ. ଶାନ୍ତି | ୱାର୍ଡ ନଂ-୫୬ |
| ୫୧. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୨. | ନମିତା ମହାପାତ୍ର | ୱାର୍ଡ ନଂ-୫୮ |
| ୫୩. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୪. | ଚନ୍ଦ୍ରଶେଖର ମଲିଆ | ୱାର୍ଡ ନଂ-୬୦ |
| ୫୫. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୬. | ଗ୍ରୀରୁଲତା ସାମନ୍ତରାୟ | ୱାର୍ଡ ନଂ-୬୨ |
| ୫୭. | ସୁଜାତା ଛୋଟରାୟ | ୱାର୍ଡ ନଂ-୬୩ |
| ୫୮. | ସକିବା ମୁଶରତ | ୱାର୍ଡ ନଂ-୬୪ |
| ୫୯. | ଛବି ଦାଶ | ୱାର୍ଡ ନଂ-୬୬ |

ଅଦ୍ୟ ତା ୨୫.୦୨.୨୦୨୬ ରିଖ ପୂର୍ବାହ୍ନ ୧୧ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ/ଚେୟାରପରସନ୍, କମିଶନର, ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର, ନିଗମର ଅନ୍ୟାନ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଗତକାଲି ବର୍ଷା ଓ ବାତ୍ୟାରେ ଆଇଗିଣିଆ ଛକରେ ଥିବା ଏକ ବିଜ୍ଞାପନଫଳକ ଭାଙ୍ଗି ଦୁଇ ଜଣ ଓ ବଡ଼ଗଡ଼ ଏରିଆର ଡ୍ରେନ୍ କାର୍ଯ୍ୟ କରୁଥିବା ସମୟରେ ପାଚୀର ଭାଙ୍ଗି ଦୁଇ ଜଣ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ ତଦ୍ ଅନୁଯାୟୀ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନନୀୟା ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାରପରସନ୍, ସମସ୍ତ କର୍ପୋରେଟର ଓ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଆଜି ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ଅନୁମୋଦନ ହୋଇଅଛି, ଆପଣ ମାନଙ୍କର ପ୍ରସ୍ତାବ ଓ ଦିଗ୍‌ଦର୍ଶନ ଅନୁସାରେ କାମ ହେବ, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟ କରାଯିବ । ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଧା ୧୫୦ ଟି କାର୍ଯ୍ୟର କାର୍ଯ୍ୟାଦେଶ ଦେବାପାଇଁ ଚେଷ୍ଟା ଚାଲିଅଛି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଡେପୁଟି ମେୟର ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଆଜି ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦନ ହେଲା । ଏହା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବର୍ଷ । ୱାର୍ଡ଼ର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଶୀଘ୍ର ଟେଣ୍ଡର ଡ଼କାଯାଇ କାମ କରିବାକୁ ପଡ଼ିବ ସେଥିପାଇଁ ଆପଣ ମାନଙ୍କର ସହଯୋଗ ରହିଲେ କାର୍ଯ୍ୟ ଆଗେଇ ପାରିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରାରମ୍ଭରେ ସଭାପତି ୩୯ତମ ସାଧାରଣ ବୈଠକକୁ ସମସ୍ତଙ୍କୁ ନମସ୍କାର ଜଣାଇ କହିଥିଲେ ଯେ, ଆଜି ଆପଣ ମାନଙ୍କ ପ୍ରଚେଷ୍ଟା, ସହଯୋଗରେ ପ୍ରସ୍ତୁତ ହୋଇଥିବା ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦନ କରାଗଲା । ଚଳିତ ବର୍ଷ ଆମର ଶେଷ ବର୍ଷ, ତେଣୁ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ପାଇଁ ଶୀଘ୍ର କାର୍ଯ୍ୟାଦେଶ ଦିଆଯିବ । ଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଠିକାଦାର ମାନଙ୍କୁ ଇଞ୍ଜିନିୟରମାନେ ନିର୍ଦ୍ଦେଶ ଦିଅନ୍ତୁ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନକଲେ ଶାସ୍ତି (penalty) ଲାଗୁହେବ । ଯେଉଁମାନେ କାର୍ଯ୍ୟ କରୁନାହାଁନ୍ତି, ସେମାନଙ୍କୁ ନୋଟିସ୍ ଦିଅନ୍ତୁ । ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ/ ଇଞ୍ଜିନିୟର୍ ଅଛନ୍ତି ଆପଣମାନେ ସମାସ୍ୟା ତିଆରି କରନ୍ତୁ ନାହିଁ ଆପଣମାନେ ଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ । ଚଳିତ ବର୍ଷର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପଡ଼ିବ, କାରଣ ବିଭିନ୍ନ ଯୋଜନାରେ ଅର୍ଥ ଆସୁଅଛି କାର୍ଯ୍ୟ ନସରିଲେ ବିନିଯୋଗ ପ୍ରମାଣପତ୍ର ଯାଇପାରିବ ନାହିଁ ଏବଂ ବିଲ୍ ଗୁଡ଼ିକ ଠିକ୍ ସମୟରେ ପଇଠ କରିବାକୁ ପଡ଼ିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ଗତକାଲି ବର୍ଷା ଓ ବାତ୍ୟାରେ ଆଇଗିଣିଆ ଛକରେ ଥିବା ବିଜ୍ଞାପନଫଳକ ଭାଙ୍ଗି ଦୁଇ ଜଣଙ୍କ ମୃତ୍ୟୁ ହୋଇଅଛି ଓ ଦୁଇ ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ଦୋକାନୀର ମୁଣ୍ଡ ଫାଟିଅଛି । ଏହି ବିଜ୍ଞାପନ ବେଆଇନ୍ ଭାବେ ଲାଗିଥିଲା । ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହା ଉପରେ ସଭାପତି କହିଥିଲେ ଯେ, ଆମେ ଯାଇ ତାଙ୍କ ପରିବାରଙ୍କୁ ଭେଟି ଆସିଅଛୁ । ବଡ଼ଗଡ଼ରେ ଏକ ଡ୍ରେନ୍ ନିର୍ମାଣ ସମୟରେ ଦୁଇ ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି, ଠିକାଦାର ଦାୟିତ୍ୱହୀନତା ଯୋଗୁଁ ଏପରି ହୋଇଅଛି । ଏହା ଉପରେ ଆଲୋଚନା କରାଗଲା । ନିଗମାଂଚଳରେ ଥିବା ବେଆଇନ୍ ଓ ବିପଦଶଙ୍କୁଳ ବିଜ୍ଞାପନଫଳକ ଗୁଡ଼ିକ କଟାଯିବ । ଭବିଷ୍ୟତରେ କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ବିଜ୍ଞାପନଫଳକ ଲଗାଇଥିବା ସଂସ୍ଥା ଦାୟୀ ରହିବେ । ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ ଆଇନକୁ ଦୃଷ୍ଟିରେ ରଖି ଅନୁକମ୍ପା ରାଶି ପ୍ରଦାନ କରାଯିବ ଏବଂ ସେମାନଙ୍କ ପରିବାର ପାଇଁ ଅନୁକମ୍ପା ରାଶି ମଞ୍ଜୁର କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ କହିଥିଲେ ଯେ, ଇଲେକ୍ଟ୍ରିକ୍ ଖୁଂଟ ଗୁଡ଼ିକ କେତେକ ଜାଗାରେ ଓହଳିଅଛି, କେତେବେଳେ ଦୁର୍ଘଟଣା ଘଟିପାରେ, ଟି.ପି.ସି.ଓ.ଡି.ଏଲ୍ ମନଇଚ୍ଛା ରାସ୍ତା ଖୋଳୁଅଛି ଯେତିକି ରାସ୍ତା ପାଇଁ ଅନୁମତି ନେଉଅଛି ତାହା ଠାରୁ ଅଧିକ ରାସ୍ତା ଖୋଳୁଅଛି । ଏହା ଉପରେ ଆଲୋଚନା କରାଗଲା । ଯେଉଁମାନେ ରାସ୍ତା କାଟିବା ପାଇଁ ଅନୁମତି ମାଗିବେ ସେମାନେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବେ ଯେତିକି ରାସ୍ତା ଖୋଳିବା ପାଇଁ ଅନୁମତି ନେବେ ସେତିକି ରାସ୍ତା ଠିକ୍ ସମୟରେ ଖୋଳି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଗିତାଞ୍ଜଳୀ ସାହୁ କହିଥିଲେ ଯେ, ୱାର୍ଡ଼ ଅଫିସ୍‌କୁ ଗୋଷ୍ଠୀ ସଙ୍ଗଠିକା ଆସୁନାହାଁନ୍ତି, ୱାର୍ଡ଼ ଅଫିସରଙ୍କୁ ଦୁଇ/ ତିନି ଗୋଟି ୱାର୍ଡ଼ ଦିଆଯାଇଅଛି କେତେବେଳେ ଆସୁଛନ୍ତି ଜାଣି ହେଉନାହିଁ, ପାଣି ପାଇଁ ବ୍ୟବସ୍ଥା ନାହିଁ, ଜଗିବା ପାଇଁ କେହି ନାହାଁନ୍ତି ଗୋଟିଏ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲାଗିବା କଥା ଲାଗିଲା ନାହିଁ । ୱାର୍ଡ଼ ଅଫିସ୍ ଚାଲିବ କିପରି ? ତାଙ୍କୁ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଶ୍ରୀ ସନ୍ତୋଷ କୁମାର ସିଂ ଓ ଶ୍ରୀ ଭରତ କୁମାର ଲେଙ୍କା ଆଦି କର୍ପୋରେଟର ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଯେଉଁ ୱାର୍ଡ଼ ଅଫିସ୍ ଗୁଡ଼ିକ ନିର୍ମାଣ ସରିଲାଣି ସେଠାରେ ଗୋଟିଏ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ପାଣି ମାଠିଆ, ମଗ ଓ ଆବଶ୍ୟକ ଷ୍ଟେସନାରୀ ଯୋଗାଇ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ନିଗମାଂଚଳର ମୁଖ୍ୟ ରାସ୍ତା ପ୍ରତ୍ୟେକ ଗଳିକନ୍ଦିରେ ଗାଡ଼ି ରଖୁଛନ୍ତି ଫଳରେ ରାସ୍ତା ସଫା କରିବା ଓ ଯାତାୟତରେ ଅସୁବିଧା ହେଉଅଛି । ଏହା ଉପରେ ଆଲୋଚନା କରାଗଲା । ପ୍ରତ୍ୟେକ ୱାର୍ଡ଼ରେ ଖାଲି ସ୍ଥାନ ଚିହ୍ନଟ କରି ସେଠାରେ ପାର୍କିଙ୍ଗ୍ ସ୍ଥାନ କରିବା ଏବଂ ସେଠାରେ ଯେଉଁମାନେ ଗାଡ଼ି ରଖିବେ ସେଥିପାଇଁ ଜନସାଧାରଣଙ୍କ ଠାରୁ ନ୍ୟୁନତମ ଅର୍ଥ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ଆଂଚଳିକ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଅସିୟା ବେଗମ୍ କହିଥିଲେ ଯେ, ଏଜେନ୍ସିମାନେ ସାତ ଦିନ ହେବ ଅଳିଆ ଗାଡ଼ି ୱାର୍ଡ଼କୁ ପଠାଉନାହାଁନ୍ତି ୱାର୍ଡ଼ରେ ଅଳିଆ ଜମା ହୋଇ ରହିଲାଣି । ଏହା ଉପରେ ଆଲୋଚନା କରାଗଲା । ଯେଉଁ ୱାର୍ଡ଼ରେ ଏଜେନ୍ସିମାନେ ଠିକ୍ ଭାବରେ କାର୍ଯ୍ୟ କରିବେ ନାହିଁ ସେହି ୱାର୍ଡ଼ରେ ଭୁବନେଶ୍ୱର ମହାନଗର ନିଗମ ଗାଡ଼ି ଓ ଲୋକ ଲଗାଇ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ଯେଉଁ ଖର୍ଚ୍ଚ ହେବ ତାହା ସମ୍ପୃକ୍ତ ଠିକାଦାରଙ୍କ ବିଲ୍‌ରୁ କାଟିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, ଷ୍ଟାଣ୍ଡିଂ କମିଟି ମିଟିଙ୍ଗ୍‌ରେ ଅଧିକାରୀ ଓ ଇଞ୍ଜିନିୟର୍‌ମାନେ ଉପସ୍ଥିତ ରହୁନାହାଁନ୍ତି, ତେଣୁ ମିଟିଂ ହୋଇପାରୁନାହିଁ । ଏହା ଉପରେ ଆଲୋଚନା କରାଗଲା । ପ୍ରତି ମାସରେ ୧୬,୧୭ ଓ ୧୮ ତାରିଖ ତିନି ଦିନ ମଧରେ ଷ୍ଟାଣ୍ଡିଂ କମିଟି ଅନୁଷ୍ଠିତ ହେବ ଯଦି ଏହା ମଧରେ ସୋମବାର କିମ୍ବା ଛୁଟି ଦିନ ପଡ଼େ ତେବେ ତା' ପରଦିନ ଉକ୍ତ ଷ୍ଟାଣ୍ଡିଂ କମିଟି ଅନୁଷ୍ଠିତ ହେବ । ଏହି କମିଟିରେ ସମ୍ପୃକ୍ତ ଅଧିକାରୀ ଓ ଇଞ୍ଜିନିୟର୍ ନିଶ୍ଚିତ ଉପସ୍ଥିତ ରହିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ରାଜକିଶୋର ଦାସ କହିଥିଲେ ଯେ, ମୋ ୱାର୍ଡ଼ରେ ହୋଇଥିବା ଶିଶୁଗୃହ ସବୁ ସିଟ୍ ପୂରଣ ହୋଇଯାଇଅଛି ଓ ଭଲ ଚାଲୁଅଛି, ଛୋଟ ପିଲାମାନେ ସେଠାରେ ଭଲରେ ରହୁଛନ୍ତି । ଏହା ଉପରେ ଆଲୋଚନା କରାଗଲା । ମଂଚେଶ୍ୱରର ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ଏବଂ ୱାର୍ଡ଼ ନଂ-୨୨ ରେ ଗୋଟିଏ ଲେଖାଏଁ ଶିଶୁଗୃହ ଖୋଲିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, ନିୟୁ ଫରେଷ୍ଟ ପାର୍କ ଗେଟ୍ ସମ୍ମୁଖରେ ଆମ ବସ୍ ରହୁଥିବାରୁ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ସେଠାରୁ ଘୁଞ୍ଚାଇ ଅନ୍ୟ ସ୍ଥାନରେ ରଖିବା ପାଇଁ କୁଟ୍‌କୁ ଅନୁରୋଧ କରିବା ପାଇଁ ଦାବୀ କରିଥିଲେ । ଏହା ଉପରେ ଆଲୋଚନା କରାଗଲା ଏବଂ ଏ ବିଷୟରେ କୁଟ୍‌କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୧.** ଗତ ତା ୨୮.୦୧.୨୦୨୬ ରିଖ ସ୍ୱତନ୍ତ୍ର ବୈଠକ ଓ ସାଧାରଣ ବୈଠକ ବିବରଣୀ ଦୃଢୀକରଣ :-

**ନିର୍ଦ୍ଧାରଣ-୧.** ଗତ ତା ୨୮.୦୧.୨୦୨୬ ରିଖ ସ୍ୱତନ୍ତ୍ର ବୈଠକ ଓ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ-୨.** **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୨୫.୦୨.୨୦୨୬ ରିଖ)**

ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨ (ଗତ ତା ୨୮.୦୧.୨୦୨୬ ରିଖର ପ୍ରଶ୍ନ)

ପ୍ରଶ୍ନ-୨(୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୫୨ ଭୀମପୁର ଠାରେ ଥିବା ମୁଖ୍ୟ ନାଳ ନଂ-୭ ର ଉଦ୍ଧାରୀକରଣ ପ୍ରକଳ୍ପ ପାଇଁ "ମୁକ୍ତା" ଯୋଜନାରେ SHG ଗୁଡ଼ିକୁ କେତୋଟି କାର୍ଯ୍ୟାଦେଶ ଦିଆଯାଇଛି ? ଫାଇଲ୍ ଅନୁଯାୟୀ କାର୍ଯ୍ୟାଦେଶ ଗୁଡ଼ିକର ଅଟକଳ ମୂଲ୍ୟ କେତେ କେତେ ରହିଛି ଏବଂ ଫାଇଲ୍ ଅନୁଯାୟୀ କେଉଁ କେଉଁ SHG କୁ କ'ଣ କ'ଣ କାମ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି ? ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ କାର୍ଯ୍ୟାଦେଶ ଅନୁସାରେ କେଉଁ କେଉଁ SHG କୁ କେତେ କେତେ ଟଙ୍କାର ବିଲ୍ ପଇଠ କରାଯାଇଛି ଏବଂ କେଉଁ SHG କୁ କେତେ ଟଙ୍କାର ବିଲ୍ ପଇଠ କରିବା ପାଇଁ ବାକିଅଛି ?

| | |
|---|---|
| ଉତ୍ତର-୨(୧). | ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ମୁଁ ଗତ ମାସରୁ ପ୍ରଶ୍ନ ପଚାରିଲିଣି ଉତ୍ତର ଦେଉନାହାଁନ୍ତି ଯାହା ଉତ୍ତର ଦେଉଛନ୍ତି ସଠିକ୍ ଉତ୍ତର ଦେଉନାହାଁନ୍ତି ଏହା ଠିକ୍ ହେଉନାହିଁ । ଏହା ଉପରେ ଆଲୋଚନା କରାଗଲା । ଉକ୍ତ ପ୍ରଶ୍ନର ଉତ୍ତର ଓ ପୂର୍ବରୁ ପଚାରିଥିବା Spring Tank ବିଷୟରେ ଉତ୍ତର ଦଶ ଦିନ ମଧ୍ୟରେ ଦେବାପାଇଁ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ) ଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ । |
| ପ୍ରଶ୍ନ-୨(୨). | ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, Micro Activity Centre Siram Basti Pallashpalli File No.-17081 dt.17.03.2022, ୱାର୍ଡ଼ ନଂ-୫୨ ରେ କାମଟି ହୋଇଥିଲା । ଏହା କେଉଁ ଅଧିକାରୀଙ୍କ ପାଖରେ ଅଛି ଓ କେଉଁ କାରଣ ପାଇଁ ଅଛି, ଏତେ ଦିନ ହେଲା ପଡ଼ି ରହିବାର କାରଣ କ'ଣ ? ଏହା କେବେ ଆରମ୍ଭ ହୋଇଥିଲା ଓ କେବେ ସମ୍ପୂର୍ଣ୍ଣ ହୋଇଥିଲା ତା'ର ସମ୍ପୂର୍ଣ୍ଣ ତଥ୍ୟ ଗୃହକୁ ଜଣାଇବେ କି ? |
| ଉତ୍ତର-୨(୨). | ଭୁବନେଶ୍ୱର ମହାନଗର ନିଗମ ଅଧିନ ପଳାଶପଲ୍ଲୀର ସାଇରାମ ବସ୍ତି ଠାରେ ଥିବା Micro Activity Centre ୱାର୍ଡ଼ ନଂ-୫୨ ର କାର୍ଯ୍ୟଟି ଜାଗାମିଶନ୍ ଅନୁଦାନରେ ଅନୁମୋଦନ ହୋଇଥିଲା ଏବଂ ଏହାର କାର୍ଯ୍ୟ କିଛିକାଂଶରେ କରାଯାଇ ଉକ୍ତ କାର୍ଯ୍ୟର 1st Running Bill, ଖଣ୍ଡ-୨ ଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଠିକାଦାରଙ୍କୁ ତାଙ୍କ ପ୍ରାପ୍ୟ ଦିଆଯାଇଥିଲା । କିନ୍ତୁ ପୌର ନିର୍ବାଚନ ପରେ ଉକ୍ତ ଅଂଚଳଟି ୱାର୍ଡ଼ ନଂ-୫୩ ସୀମାରେ ଅଧିକୃତ ହୋଇଥିବାରୁ ସମ୍ପୃକ୍ତ ନଥିଟିକୁ ଖଣ୍ଡ-୩ ର ସମ୍ପୃକ୍ତ ଯନ୍ତ୍ରୀଙ୍କୁ ହସ୍ତାନ୍ତର କରାଯାଇଥିଲା ଏବଂ ଅବଶିଷ୍ଟ କାର୍ଯ୍ୟ ସମ୍ପର୍କରେ ଖଣ୍ଡ-୩ ଙ୍କ ଠାରୁ ତଥ୍ୟ ମିଳିବା ପରେ ଅବଗତ କରାଯିବ । |
| ପ୍ରଶ୍ନ-୨(୩). | ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୨୦୨୪-୨୫ ଆର୍ଥିକ ବର୍ଷରେ ଭୁବନେଶ୍ୱର ମହାନଗର ନିଗମର କେଉଁ ୱାର୍ଡ଼ରେ କେତେ ଟଙ୍କା ୱାର୍ଡ଼ ବଜେଟ୍ ଖର୍ଚ୍ଚ ହେବା ନିମନ୍ତେ ନିଷ୍ପତି ହୋଇଥିଲା ଏବଂ କେଉଁ କେଉଁ ୱାର୍ଡ଼ରେ କେତେ କେତେ ଟଙ୍କାର ୱାର୍ଡ଼ ବଜେଟ୍ (୨୦୨୪-୨୫ ଆର୍ଥିକ ବର୍ଷ) ଖର୍ଚ୍ଚ ହୋଇଅଛି ତାହାର ସମ୍ପୂର୍ଣ୍ଣ ବିବରଣୀ ୱାର୍ଡ଼ ଅନୁଯାୟୀ ଗୃହରେ ପ୍ରଦାନ କରିପାରିବେ କି ? |
| ଉତ୍ତର-୨(୩). | ଭୁବନେଶ୍ୱର ମହାନଗର ନିଗମର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ତରଫରୁ କୌଣସି ଖର୍ଚ୍ଚ ବଜେଟ ନିଷ୍ପତି ହୋଇନାହିଁ, କିନ୍ତୁ ପବ୍ଲିକ୍ ୱାର୍କସ ବାବଦରେ ୨୦୨୪-୨୫ ଆର୍ଥିକ ବର୍ଷରେ ବି.ଏମ୍.ସି ତରଫରୁ ଟ ୧୯୦,୬୬,୫୧,୪୬୭/-ଙ୍କା ଖର୍ଚ୍ଚ କରାଯାଇଛି । |

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫ (ଗତ ତା ୨୮.୦୧.୨୦୨୬ ରିଖର ପ୍ରଶ୍ନ)</u>

| | |
|---|---|
| ପ୍ରଶ୍ନ-୨(୪). | ସଭାପତି ମହୋଦୟା ଜଣାଇବେ କି, ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ସାଉଥ୍ ଇଷ୍ଟ ଜୋନ୍ ର ସମସ୍ତ ୱାର୍ଡ ବଜେଟ୍ ସହ ସମସ୍ତ ପ୍ରକାରର ସରକାରୀ ଅନୁଦାନ ଅଧିନରେ ପବ୍ଲିକ୍ ୱାର୍କସ୍ ପାଇଁ (Roads, drain, culverts, buildings & park etc.) ବାବଦରେ କରାଯାଇଥିବା ଖର୍ଚ୍ଚ ତତ୍ ସହ ଟେଣ୍ଡର ହୋଇଯାଇଥିବା ଏବଂ କାମ ସରିନଥିବା ପ୍ରୋଜେକ୍ଟ ଗୁଡିକ ସହ ମିଶି year wise ପ୍ରତିଟି ୱାର୍ଡର ସମ୍ପୂର୍ଣ୍ଣ ଖର୍ଚ୍ଚ ବାବଦରେ ପ୍ରଦାନ କରାଯାଉ । |
| ଉତ୍ତର-୨(୪). | ଉପରୋକ୍ତ ପ୍ରଶ୍ନର ଉତ୍ତର ତଥ୍ୟଭିତିକ ହୋଇଥିବାରୁ ପ୍ରଶ୍ନକର୍ତ୍ତା ମହୋଦୟ ଯେକୌଣସି କାର୍ଯ୍ୟ ଦିବସ ସମୟରେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩ ଙ୍କ କାର୍ଯ୍ୟାଳୟରେ ଦେଖିପାରିବେ । |
| ପ୍ରଶ୍ନ-୨(୫). | ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ ୪ ଟି ଆର୍ଥିକ ବର୍ଷରେ ଭୁବନେଶ୍ୱର ମହାନଗର ନିଗମକୁ ସି.ଏସ୍.ଆର୍ ଫଣ୍ଡ ବାବଦରେ କେଉଁ ବେସରକାରୀ ଓ ସରକାରୀ ସଂସ୍ଥା କେତେ କେତେ ଟଙ୍କା/ ଦ୍ରବ୍ୟ ଆକାରରେ ଦେଇଛନ୍ତି ଏବଂ ଭୁବନେଶ୍ୱର ମହାନଗର ନିଗମ ତାଙ୍କୁ କେଉଁ କେଉଁ ୱାର୍ଡ଼ରେ କେଉଁ କେଉଁ କାମ ବାବଦରେ କେତେ କେତେ ଟଙ୍କା ଖର୍ଚ୍ଚ କରିଅଛି ତାହାର ଏକ ସବିଶେଷ ବିବରଣୀ ଗୃହରେ ଉପସ୍ଥାପନା କରନ୍ତୁ । |
| ଉତ୍ତର-୨(୫). | ଭୁବନେଶ୍ୱର ମହାନଗର ନିଗମକୁ ସି.ଏସ୍.ଆର୍ ଫଣ୍ଡ ବାବଦରେ ବିଭିନ୍ନ ସଂସ୍ଥାଙ୍କ ଠାରୁ ମିଳିଥିବା ଅର୍ଥର ବିବରଣୀ ନିମ୍ନରେ ପ୍ରଦାନ କରାଗଲା । |

| Year | Amount | Funding Agency | Purpose |
|---|---|---|---|
| 2022-23 | 20,00,000 | Vedanta | Ultra Sound Machine in BMC Hospital |
| 2023-24 | 19,00,000 | NALCO | Dead Body Van |
| 2024-25 | Nil | Nil | Nil |
| 2025-26 | 1,00,00,000 | NALCO | Median Maintenance & Development |

ଉପରୋକ୍ତ ସାରଣୀ ମଧ୍ୟରୁ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଆସିଥିବା ଅର୍ଥ ଖର୍ଚ୍ଚ ହୋଇସାରିଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଆସିଥିବା ଅର୍ଥ ଖର୍ଚ୍ଚ ହୋଇନାହିଁ ।

<u>ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ, ୱାର୍ଡ ନଂ-୪୯</u>

ପ୍ରଶ୍ନ-୨(୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମଉଜା ଆଇଗିଣିଆ ପ୍ଲଟ୍ ନଂ-୩୬୦ ଓ ୩୬୧ କୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥ ରାସ୍ତା ଯାହାକି ପ୍ଲଟ୍ ନଂ-୪୫୯ ଠାରେ ୧୩ ଫୁଟ ଚଉଡ଼ା ରାଜସ୍ୱ ନକ୍ସା ଅନୁସାରେ ଥିବା ସ୍ଥଳେ ପ୍ଲାନିଂ ବିଭାଗ କିପରି ୨୦ ଫୁଟ ଦର୍ଶାଇ ଗୃହ ନକ୍ସା ମଞ୍ଜୁର କରାଇଲେ ଗୃହକୁ ଜଣାଇବା ହେବେ । ଏହା ବ୍ୟତୀତ ମୁଖ୍ୟ ରାଜସ୍ୱ ରାସ୍ତା ପ୍ଲଟ୍ ନଂ-୪୦୩ ଯାହାକି ପ୍ଲଟ୍ ନଂ-୪୦୧ ଠାରୁ ୪୫୯ ପର୍ଯ୍ୟନ୍ତ ଚଉଡ଼ା ସ୍ଥଳବିଶେଷରେ ୨୦ ଫୁଟରୁ କମ୍ ଅଟେ, ପ୍ଲାନିଂ ବିଭାଗ କିପରି ୨୦ ଫୁଟ ଦର୍ଶାଇଛନ୍ତି ଗୃହକୁ ଜଣାଇବେ ।

ଉତ୍ତର-୨(୬). ମଉଜା ଆଇଗିଣିଆ ପ୍ଲଟ୍ ନଂ-୩୬୦ ଓ ୩୬୧ କୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥ ରାସ୍ତାକୁ ସରଜମିନ ତଦନ୍ତ ରିପୋର୍ଟ ଅନୁସାରେ ଉକ୍ତ ପ୍ଲଟ୍‌କୁ ଲାଗି ୨୦ ଫୁଟ ପ୍ରସ୍ଥ ବିଶିଷ୍ଟ ଢଳାଇ ରାସ୍ତା ରହିଥିବା ସ୍ଥଳେ ଆବେଦନକାରୀ ଦାଖଲ କରିଥିବା ପ୍ଲାନ୍‌ରେ ନିଜ ଜାଗାରୁ ୧୦ ଫୁଟ ପ୍ରସ୍ତର ଜାଗା ବି.ଏମ୍.ସି କୁ Gift କରାଯିବା ପରେ ରାସ୍ତାର ଓସାର ୩୦ ଫୁଟ ରହିଅଛି । ଉକ୍ତ ୩୦ ଫୁଟର ରାସ୍ତା ଆଇଗିଣିଆ ଗ୍ରାମ୍ୟ ରାସ୍ତାକୁ ସଂଯୋଗ କରୁଅଛି । ପୂର୍ବ ତଦନ୍ତ ରିପୋର୍ଟକୁ ଭିତି କରି ନକ୍ସା ଅନୁମୋଦନ କରାଯାଇଅଛି । ଉକ୍ତ ମୁଖ୍ୟ ଗ୍ରାମ୍ୟ ରାସ୍ତାଟି ଯାହାକି ପ୍ଲଟ୍ ନଂ-୩୬୦ ଓ ୩୬୧ କୁ ଏବଂ ରାଜପଥକୁ ସଂଯୋଗ କରୁଅଛି, ସେହି ରାସ୍ତାଟିର ପ୍ରସ୍ଥ ବିଭିନ୍ନ ସ୍ଥାନରେ ଭିନ୍ନ ଅଛି ।

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ ନଂ-୪୩</u>

ପ୍ରଶ୍ନ-୨(୭). ସଭାପତି ମହୋଦୟା, ମୁଁ ଗୃହ ମାଧ୍ୟମରେ ଆପଣଙ୍କ ଠାରୁ ଜାଣିବାକୁ ଚାହୁଁଅଛି ଯେ, ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ୬୭ ଗୋଟି ୱାର୍ଡରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ କେଉଁ କେଉଁ ୱାର୍ଡରେ କେତେ କେତେ ଟଙ୍କାର ଟେଣ୍ଡର କରାଯାଇଛି ଏବଂ ସମସ୍ତ ୱାର୍ଡରେ ମୋଟ କେତୋଟି Work Order issue କରିଛି ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର-୨(୭). ଭୁବନେଶ୍ୱର ମହାନଗର ନିଗମ ଅଧିନ ୬୭ ଗୋଟି ୱାର୍ଡ ମଧ୍ୟରୁ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ଅଧିନରେ ୨୧ ଗୋଟି ୱାର୍ଡ ରହିଅଛି । ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ମୋଟ ୧୦୧ ଟି ଟେଣ୍ଡର ହୋଇଅଛି ଏବଂ ଏଥିପାଇଁ ମୋଟ ଟ ୩୪,୦୯,୯୮,୦୮୩/-ଙ୍କାର ଟେଣ୍ଡର କରାଯାଇଅଛି ଏବଂ ୩୮ ଗୋଟି ୱାର୍କ ଅର୍ଡର୍ ବର୍ତ୍ତମାନ ସୁଦ୍ଧା issue କରାଯାଇଛି ।

ୱାର୍ଡ ନଂ-୧୯ ରେ ପଳାଶୁଣୀ ମେଗା ଏମ୍.ସି.ସି ରେ ଟେଣ୍ଡର ଡ଼କାଯାଇଥିଲା ଓ ଅନ୍ୟ ୧୮ ଟି କାମକୁ ଇଲେକ୍ଟ୍ରିକାଲ୍ ଲାଇସେନ୍ସ ଜରିଆରେ କାମ କରାଯାଇଥିଲା ।

ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ଉତର ମଣ୍ଡଳ ଖଣ୍ଡ-୧ ଯାନ୍ତ୍ରିକ ବିଭାଗ ଅଧିନରେ ଥିବା ୨୧ ଗୋଟି ୱାର୍ଡ ପାଇଁ ୬୪ ଗୋଟି କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଅଛି ଓ ଦୁଇ ଗୋଟି ୱାର୍କ ଅର୍ଡର୍ issue କରାଯାଇଅଛି ।

ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩ ଙ୍କ ଅଧିନରେ ଥିବା ୨୫ ଗୋଟି ୱାର୍ଡ ପାଇଁ ୪୯ ଗୋଟି କାର୍ଯ୍ୟର ଟେଣ୍ଡର ଡ଼କାଯାଇଅଛି । ସେଥି ମଧ୍ୟରୁ ୧୯ ଗୋଟି ୱାର୍କ ଅର୍ଡର issue ହୋଇଅଛି ।

ପ୍ରଶ୍ନ-୨(୮). ସଭାପତି ମହୋଦୟା, ମୁଁ ଆପଣଙ୍କ ଗୋଚରାର୍ଥେ ଜଣାଇବାକୁ ଚାହୁଁଅଛି ଯେ, ଚଳିତ ଆର୍ଥିକ ବର୍ଷରେ ୨୦୨୫-୨୬ ବି.ଏମ୍.ସି ର ଏକ Fixed Deposit ରାଶିକୁ ଉଠାଇଅଛି । ମୁଁ ଗୃହ ମାଧ୍ୟମରେ ଆପଣଙ୍କ ଠାରୁ ଜାଣିବାକୁ ଚାହୁଁଅଛି ଯେ, ଉକ୍ତ Fixed Deposit ରାଶିକୁ କେଉଁ କେଉଁ କାର୍ଯ୍ୟ ବାବଦରେ କେତେ କେତେ ଟଙ୍କା ବ୍ୟୟ କରାଯାଇଛି ?

ଉତ୍ତର-୨(୮). ୨୦୨୫-୨୬ ଆର୍ଥିକ ବର୍ଷରେ ବି.ଏମ୍.ସି ର ୨ ଟି Fixed Deposit Mature ହୋଇଛି । ୨୦୨୫ ଅକ୍ଟୋବର ମାସରେ Matured Fixed Deposit ରୁ ଟ୩୧.୩୧ କୋଟି ଟଙ୍କା ମିଳିଥିବା ବେଳେ ଡ଼ିସେମ୍ବର-୨୦୨୫ ରେ ଅନ୍ୟ ଏକ FD ରୁ ଟ୨୧୪.୧୩ କୋଟି ଟଙ୍କା ନିଗମର ପାଣ୍ଠିକୁ ଆସିଛି । ୨୦୨୫ ଅକ୍ଟୋବର ମାସରେ ମିଳିଥିବା FD ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇସାରିଥିବା ବେଳେ ଡ଼ିସେମ୍ବର-୨୦୨୫ ରେ mature ହୋଇଥିବା FD ରୁ ଟ ୧୯.୬୭ କୋଟି ଟଙ୍କା ଜାନୁୟାରୀ-୨୦୨୬ ସୁଧା ଖର୍ଚ୍ଚ ହୋଇଛି । ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଗଲା ।

ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ ନଂ-୧୩

ପ୍ରଶ୍ନ-୨(୯). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ତିନି ବର୍ଷ ତଳେ ଲକ୍ଷ୍ମୀ ନାରାୟଣ ଭେଣ୍ଡିଂଜୋନ୍ ସ୍ଥାୟୀ କରିବା ପାଇଁ ମୁଁ ଅନୁରୋଧ କରିଥିଲି କାରଣ ୧୮ ବର୍ଷ ହେବ ସେମାନେ ବ୍ୟବସାୟ କରିଆସୁଛନ୍ତି କିନ୍ତୁ ଦୁଃଖର ବିଷୟ ଆଜି ଯାଏଁ ସେମାନେ ମୌଳିକ ସୁବିଧା ଇଲେକ୍ଟ୍ରି, ଏବଂ ପାଣିର ସୁବିଧା ପାଇ ପାରିନାହାଁନ୍ତି । ଏ ବିଷୟରେ ମୁଁ ଗୃହରେ ଅବଗତ କରିବା ପରେ ମେୟର ମହୋଦୟା, ତତ୍‌କାଳୀନ କମିଶନର ସାର୍ ଏବଂ ବି.ଏମ୍.ସି ଅଧିକାରୀମାନେ ପରିଦର୍ଶନ କରି ଲକ୍ଷ୍ମୀନାରାୟଣ ଭେଣ୍ଡିଂଜୋନ୍ ଟିକୁ ସ୍ଥାୟୀ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଏବଂ କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା କିନ୍ତୁ ସେ ସମୟରେ ତତ୍‌କାଳୀନ ସରକାର ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ଘୋଷଣା କଲେ ଦୁଃର୍ଭାଗ୍ୟର ବିଷୟ ପୁଣି କାର୍ଯ୍ୟ ଅଟକି ରହିଗଲା । ଏବେ ସରକାର ପୁଣି ମେଟ୍ରୋ ପ୍ରକଳ୍ପ ବନ୍ଦ ହେବା ଘୋଷଣା କଲେ ତେଣୁ ଏବେ ଏହି ଭେଣ୍ଡିଂଜୋନ୍ ଟିକୁ ସ୍ଥାୟୀ କରିବାରେ କୌଣସି ଅସୁବିଧା ନାହିଁ । ମୁଁ ଏହି ବିଷୟରେ ଅନେକ ଥର ଗୃହରେ ଆଲୋଚନା କରିଛି ନିର୍ଦ୍ଦିଷ୍ଟ ଭାବେ ମୁଁ ଆପଣଙ୍କ ମାଧମରେ ଜାଣିବାକୁ ଚାହେଁ କେବେ ଲକ୍ଷ୍ମୀନାରାୟଣ ଭେଣ୍ଡିଂଜୋନ୍‌ଟିକୁ ସ୍ଥାୟୀ କରାଯିବ ଯାହା ଫଳରେ ସେମାନେ ମୌଳିକ ସୁବିଧା ଇଲେକ୍ଟ୍ରି, ଏବଂ ପାଣି ପାଇପାରିବେ ଜଣାଇବେ କି ? ଉତର ମିଳିଥିଲା ଖୁବ୍ ଶୀଘ୍ର ବ୍ୟବସ୍ଥା କରାଯାଉଛି କିନ୍ତୁ ଏକ ବର୍ଷ ପୁଣି ବିତିଗଲାଣି କ'ଣ ପଦକ୍ଷେପ ନିଆଗଲା ଗୃହକୁ ଜଣାଇବେ କି ? ସେହିପରି ମୋ ୱାର୍ଡ଼ରେ ଏକ ନୂତନ ଭେଣ୍ଡିଂଜୋନ୍ ପାଇଁ ତିନି ବର୍ଷ ତଳେ ପ୍ରସ୍ତାବ ଦେଇଥିଲି ଏବଂ ସେ ସମୟରେ ତତ୍‌କାଳୀନ କମିଶନର ଏବଂ ଆଡ଼ିସିନାଲ୍ କମିଶନର ମୋ ୱାର୍ଡ଼ ପରିଦର୍ଶନ କଲାପରେ ଏକ ଉତ୍କୃଷ୍ଟ ଜାଗା ଚିହ୍ନଟ କରିଥିଲେ ଏବଂ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ କାର୍ଯ୍ୟ ଆରମ୍ଭ କରିବା ପାଇଁ କିନ୍ତୁ ଦୁଃଖର ବିଷୟ ମୋ ୱାର୍ଡ଼ରେ ଗୋଟିଏ ଭେଣ୍ଡିଂଜୋନ୍ ନଥିବା ବେଳେ କମିଶନର ଏବଂ ଆଡ଼ିସନାଲ୍ କମିଶନର ନିର୍ଦ୍ଦେଶ ଦେଲାପରେ ମଧ ଏକ ବର୍ଷ ହୋଇଯିବ ଖାଲି ମାପଚୁପ ହୋଇ ଚିଠି ନଂ-୨୯୨୯୨ ତା ୨୯.୦୬.୨୦୨୩ ରିଖ, ଖାତା ନଂ-୬୧୯, ପ୍ଲଟ୍ ନଂ-୩୨୬ AC-୧୪୯ ଡ଼ିସିମିଲ୍ ସାଧାରଣ ପ୍ରଶାସନ ବିଭାଗରେ ପଡ଼ିରହିଛି । ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟ ଆଗେଇଲା ନାହିଁ । ମୁଁ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହେଁକି କ'ଣ ପାଇଁ ଆଜି ଯାଏଁ କାର୍ଯ୍ୟ ଆରମ୍ଭ ହେଲାନାହିଁ ଏବଂ କେବେ ଏହି ଭେଣ୍ଡିଂଜୋନ୍ କାର୍ଯ୍ୟ ଆରମ୍ଭ ହେବ ଗୃହକୁ ଜଣାଇବେ କି ? ତିନି ବର୍ଷ ବିତିଯାଇଥିଲେ ମଧ ଖାଲି ଉତର ମିଳୁଛି ସାଧାରଣ ପ୍ରଶାସନ ବିଭାଗର ଅନୁମତି ଆସିଲେ କାର୍ଯ୍ୟ ଆରମ୍ଭ ହେବ । ମୁଁ ଜାଣିବାକୁ ଚାହେଁ ବି.ଏମ୍.ସି ଅଧିକାରୀମାନେ କ'ଣ ସାଧାରଣ ପ୍ରଶାସନ ବିଭାଗ ସହ ଯୋଗାଯୋଗ କରି ଅନୁମତି ଆଣିବାକୁ ତିନି ବର୍ଷ ଲାଗିଗଲାଣି । ଆଉ କେତେ ଦିନ ନାଁ କେତେ ବର୍ଷ ଲାଗିବ ନାଁ ଆଉ ମୋ କାର୍ଯ୍ୟକାଳ ଭିତରେ ହୋଇପାରିବ ନା ନାହିଁ ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର-୨(୯). ଲକ୍ଷ୍ମୀ ନାରାୟଣ ଭେଣ୍ଡିଂଜୋନ୍‌ର କମିଟି **Alienation** ପାଇଁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୪୭୪୮ ତା ୧୭.୦୨.୨୦୨୨ ରିଖରେ ଅନୁରୋଧ କରାଯାଇଅଛି । ଜି.ଏ ଡ଼ିପାର୍ଟମେଂଟରୁ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର ହେବାପରେ ସବୁ ପ୍ରକାର ମୌଳିକ ବ୍ୟବସ୍ଥା କରାଯିବ ।

ପ୍ଲଟ୍ ନଂ-୩୨୬, ଖାତା ନଂ-୬୧୯, ଏକର ୧୪୯ ଟି ଭେଣ୍ଡିଂଜୋନ୍ ଉପବିଭାଗକୁ ହସ୍ତାନ୍ତର କରାଯାଇନାହିଁ । ଏହି ଲ୍ୟାଣ୍ଡ୍ ଭେଣ୍ଡିଂଜୋନ୍ ଉପବିଭାଗକୁ ହସ୍ତାନ୍ତର ହେବାପରେ ଭେଣ୍ଡିଂଜୋନ୍ ତିଆରି କରିବା ପାଇଁ ପରବର୍ତୀ ପଦକ୍ଷେପ ନିଆଯିବ ।

ପ୍ରଶ୍ନ-୨(୧୦). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ସର୍ବସାଧାରଣଙ୍କ ନିମନ୍ତେ ଥିବା କେତୋଟି ଗଳି ରାସ୍ତାକୁ କେତେ ଜଣ ଜବରଦଖଲକାରୀ ବେଆଇନ୍ ଭାବେ ରାସ୍ତା ଉପରେ ଘର କରି ଭଡ଼ା ଦେଇ ଅର୍ଥ ଉପାର୍ଜନ କରୁଛନ୍ତି । ମୁଁ ଏ ବିଷୟରେ ଦୀର୍ଘ ଛଅ ମାସ ହେବ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ ଦୁଇ ଥର ଜୋନାଲ୍ ଡ଼େପୁଟି କମିଶନରଙ୍କୁ ଲିଖିତ ଚିଠି ଦେଲାପରେ ମଧ କୌଣସି କାର୍ଯ୍ୟକାରୀ ହେଲାନାହିଁ ଏବଂ ସେ ଲୋକମାନଙ୍କୁ ସମୟ ଦିଆଗଲା । ସରକାରଙ୍କୁ ଚ୍ୟାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟ ଯିବାପାଇଁ କିନ୍ତୁ ଉଚ୍ଚ ନ୍ୟାୟାଳୟ ମଧ ଲୋକଙ୍କ ସପକ୍ଷରେ ମତ ଦେଇଛନ୍ତି । ଜନସାଧାରଣଙ୍କ ପାଇଁ ଥିବା ରାସ୍ତାକୁ କେହି ଜବରଦଖଲ କରିପାରିବେ ନାହିଁ କିନ୍ତୁ ଆଶ୍ଚର୍ଯ୍ୟର କଥା ଆମେ ଜନପ୍ରତିନିଧି ହୋଇ ଲୋକମାନଙ୍କ ଯାତାୟତର ସୁବିଧା ପାଇଁ ରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ଲିଖିତ ଦେଲାପରେ ମଧ କାର୍ଯ୍ୟକାରୀ ହୋଇପାରୁନାହିଁ ଦୁଇଟି ରାସ୍ତା ଗୋଟେ ଏମ୍.ଆଇ.ଜି.ଟୁ ଏବଂ ଆଉ ଗୋଟେ

AS

ଇ.ଡ଼ବ୍ଲୁ.ଏସ୍ ଗଳି । ଦୟାକରି ଗୃହକୁ ଜଣାଇବେ କି କେବେ ଏହି ଦୁଇଟି ଗଳିକୁ ଜବରଦଖଲମୁକ୍ତ କରି ଜନସାଧାରଣଙ୍କୁ ଦିଆଯିବ ଏବଂ ଯଦି ଜବରଦଖଲକାରୀମାନେ ରାସ୍ତା ଉପରେ ଘର କରି ଉଚ୍ଚ ନ୍ୟାୟାଳୟ ଯାଇ ସରକାରଙ୍କୁ ଚ୍ୟାଲେଞ୍ଜ କରି ବେଆଇନ୍ କାର୍ଯ୍ୟ କରିପାରୁଛନ୍ତି ସେ ଦିଗରେ ଆମ ବି.ଏମ୍.ସି ତରଫରୁ ଲିଗାଲ୍ ସେଲ୍ ବିଭାଗ କ'ଣ କାର୍ଯ୍ୟ କରି ଏ ଦିଗରେ ପଦକ୍ଷେପ ନେଇଛନ୍ତି ଓ ଆଗକୁ କ'ଣ ପଦକ୍ଷେପ ନେବେ ଗୃହକୁ ଜଣାଇବେ କି ?

ଉତ୍ତର-୨(୧୦). ତଥ୍ୟ ସଂଗ୍ରହ କରାଯାଇ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରାଯିବ ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୧୯.୦୨.୨୦୨୬ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୨୧.୦୨.୨୦୨୬ ରିଖ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୧୮.୦୨.୨୦୨୬ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୭.୦୨.୨୦୨୬ ରିଖ ପ୍ଲାନିଂ ଆଣ୍ଡ୍ ଡ଼େଭଲପମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୧୮.୦୨.୨୦୨୬ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୭.୦୨.୨୦୨୬ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୩.୦୨.୨୦୨୬ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୨୧.୦୨.୨୦୨୬ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୨୦.୦୨.୨୦୨୬ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା ୧୯.୦୨.୨୦୨୬ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଜାନୁୟାରୀ-୨୦୨୬ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ:-

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୨୫.୦୨.୨୦୨୬ ରିଖ)

ଶ୍ରୀ ବିପ୍ଳବ ବେହେରା, ଓ୍ୱାର୍ଡ ନଂ-୧୮

ପ୍ରସ୍ତାବ-୬(୧). ଗତ ଦୁଇ ମାସ ତଳେ ବି.ଏମ୍.ସି, ବି.ଡ଼ି.ଏ ଓ ଜି.ଏ ଡ଼ିପାର୍ଟମେଂଟ ମିଳିତ ଭାବେ ପ୍ଲଟ୍ ନଂ-୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଏବଂ ୩୯୯୯ ଖାତା ନଂ-୧୩୫୨, ମୌଜା-ପାଣ୍ଡରା, ଏରିଆ-ଏସି. ୨.୬୦୦ ଡ଼ିସ୍‌ମିଲ୍ ରେ ଏକ ଏଭିକ୍ସନ୍ କରାଯାଇଥିଲା । ତାଙ୍କୁ ଜି.ଏ ଡ଼ିପାର୍ଟମେଂଟକୁ ଉନ୍ନତିକରଣ ପାଇଁ ମଗାଯାଉ ଏବଂ ତା'କୁ ଏକ ପାର୍କ କରାଯିବା ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି:-

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ସହିତ ଓ୍ୱାର୍ଡ଼ ନଂ-୩୫ ରେ ଥିବା ଏକ ଖାଲି ସ୍ଥାନରେ ପାର୍କ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୨). ପୁରୀ ବାଇପାସ୍ ଠାରୁ ଗଙ୍ଗୁଆ ନାଳ ପର୍ଯ୍ୟନ୍ତ ଏକ ନାଳ ଅଛି ଯାହାକି ସବୁ ଡ୍ରେନ୍ ସେଠାରେ ସଂଯୋଗ ହୋଇଛି । ସେହି ନାଳ ବର୍ଷାଦିନେ ପୂର୍ଣ୍ଣ ହୋଇ ସାହିନଗର କଲୋନୀ, କିମ୍ବିରିଆ ବସ୍ତି ଏବଂ ସୃଷ୍ଟିଭିଲ୍ଲା ଅଂଚଳରେ ଓ୍ୱାଟର୍ ଲଗିଙ୍ଗ୍ ସମସ୍ୟା ଦେଖାଦେଉଛି । ସେହି ନାଳକୁ ମୁଖ୍ୟ ଡ୍ରେନ୍‌ରେ ଅନ୍ତର୍ଭୁକ୍ତ କରି ତାହାର ଉନ୍ନତିକରଣ କରାଯିବା ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି:-

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀ ଶିବ ନାରାୟଣ ରାୟ, ଓ୍ୱାର୍ଡ ନଂ-୬୧

ପ୍ରସ୍ତାବ-୬(୩). ଓ୍ୱାର୍ଡ଼ ନଂ-୬୧ ରେ ନୂତନ ଓ୍ୱାର୍ଡ଼ ଅଫିସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଲାଣି ଏବଂ ମୋ ଓ୍ୱାର୍ଡ଼ରେ ଏକ ନୂତନ କମ୍ୟୁନିଟି ସେଂଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ନୂତନ କମ୍ୟୁନିଟି ସେଂଟରଟି ଜାଗା ପ୍ରଶସ୍ତିକରଣ ନଥିବାରୁ ସେଠାରେ ବ୍ୟବସାୟିକ ଭଡ଼ା ସୂତ୍ରରେ ଦେବା ଉପଯୋଗୀ ନୁହେଁ, ତେଣୁ ବର୍ତ୍ତମାନ ଓ୍ୱାର୍ଡ଼ ଅଫିସ୍ କାର୍ଯ୍ୟ ଚାଲୁଥିବା କମ୍ୟୁନିଟି ସେଂଟରକୁ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ମହାନଗର ନିଗମ ଦ୍ୱାରା ଭଡ଼ାସୂତ୍ରରେ ଦିଆଯାଇ ନୂତନ କମ୍ୟୁନିଟି ସେଂଟରରେ ଓ୍ୱାର୍ଡ଼ ଅଫିସ୍ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି:-

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ଆବଶ୍ୟକ ଦର ଧାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ଭରତ କୁମାର ଲେଙ୍କା, ଓ୍ୱାର୍ଡ ନଂ-୪୩

ପ୍ରସ୍ତାବ-୬(୪). ସଭାପତି ମହୋଦୟା, ମୁଁ ଗତ ଡ଼ିସେମ୍ବର-୨୦୨୫ ରେ ହୋଇଥିବା କର୍ପୋରେସନରେ ରଖିଥିବା ଏକ ପ୍ରସ୍ତାବ ଯାହାକି ଚିନ୍ତାମଣିଶ୍ୱର ଲେନ୍-୧୦ ଅଂଚଳରେ ଥିବା ଅର୍ଦ୍ଧନିର୍ମିତ ଡ୍ରେନ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟାଦେଶ ଉପରେ କର୍ପୋରେସନରେ ବିଚାର ଓ ଅନୁମୋଦନ ।

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ବର୍ଣ୍ଣିତ ସ୍ଥାନ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ପରିଦର୍ଶନ ରିପୋର୍ଟ କରିଦେବା ପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଚନ୍ଦ୍ରଶେଖର ମଲ୍ଲିଆ, ୱାର୍ଡ଼ ନଂ-୬୦</u>

ପ୍ରସ୍ତାବ-୬(୫). ୱାର୍ଡ଼ ନଂ-୬୦ ଅନ୍ତର୍ଗତ କପିଳେଶ୍ୱର ଗ୍ରାମ ସମଗ୍ର ୱାର୍ଡ଼ ମଧ୍ୟରେ ସର୍ବାଧିକ ଜନସଂଖ୍ୟା ବହୁଳ ଅଂଚଳ । ଗ୍ରାମରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଗ୍ରାମବାସୀମାନେ ଦୀର୍ଘ ଦିନ ଧରି ମହାନଗର ନିଗମ ନିକଟରେ ଦାବୀ କରିଆସୁଥିବା ବେଳେ ଗତ ତା ୧୮.୦୨.୨୦୨୬ ରିଖ ଦିନ ମାନ୍ୟବର ଏକାମ୍ର ବିଧାୟକ ଓ ଆପଣଙ୍କ କରକମଳରେ ଗ୍ରାମବାସୀମାନଙ୍କ ପାଇଁ ନିର୍ମିତ ଏକ ଭବ୍ୟ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ ସହ ଲୋକାର୍ପିତ ହୋଇଯାଇଥିବାରୁ ମୁଁ ସ୍ଥାନୀୟ କର୍ପୋରେଟର ହିସାବରେ ଆପଣ, ନିଗମର କମିଶନର, ସମସ୍ତ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କୁ ସାଧୁବାଦ ଜଣାଉଅଛି । ଏହି ଗୋଷ୍ଠୀକେନ୍ଦ୍ରରେ କେହି ବ୍ୟକ୍ତି କୌଣସି ସାମାଜିକ କାର୍ଯ୍ୟକ୍ରମ କରିବାକୁ ହେଲେ ତାଙ୍କୁ ୧୮,୦୫୪/- (ଜି.ଏସ୍.ଟି ସହ) ଭଡ଼ା ଦେବାପାଇଁ ଧାର୍ଯ୍ୟ କରାଯାଇଅଛି । ଏ ସମ୍ପର୍କରେ ମେୟର ମହୋଦୟା, ସମସ୍ତ କର୍ପୋରେଟର ଭାଇ ଭଉଣୀ, ସମ୍ମାନୀୟ କମିଶନର ଓ ଉପସ୍ଥିତ ଅଧିକାରୀ ମାନଙ୍କୁ ଜଣାଇବାକୁ ଚାହେଁ ଯେ, କପିଳେଶ୍ୱର ଗ୍ରାମରେ ଥିବା ସମସ୍ତ ପରିବାର ସଂଖ୍ୟାର ପ୍ରାୟ ୮୦ ଭାଗ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଯେଉଁମାନଙ୍କ ପାଇଁ ଏହି ଦର ଅତ୍ୟନ୍ତ ଅଧିକ ହୋଇଯାଉଛି ଯଦ୍ୱାରା ସେମାନେ ସ୍ୱଳ୍ପ ଖର୍ଚ୍ଚରେ କୌଣସି ବିକଳ୍ପ ସ୍ଥାନରେ ସେମାନଙ୍କର କାର୍ଯ୍ୟକ୍ରମ କରିବାକୁ ଉଚିତ୍ ମନେ କରିବେ ଏପରିକି କପିଳେଶ୍ୱର ଗ୍ରାମରେ ମହାନଗର ନିଗମ ତରଫରୁ ଅନ୍ୟ ଏକ ସର୍ବସାଧାରଣ ଗୃହ ଅଛି ଯେଉଁଠାରେ ଅତି ନଗନ୍ୟ ମୂଲ୍ୟ ଦେଇ ସାମାଜିକ କାର୍ଯ୍ୟକ୍ରମ କରାଯାଇପାରୁଛି, ଏଭଳି ହେଲେ ଏହି ନବନିର୍ମିତ ଗୋଷ୍ଠୀକେନ୍ଦ୍ରଟି ବ୍ୟବହାର ନହୋଇ ପ୍ରାୟତଃ ଖାଲି ପଡ଼ିବା ସହ ବି.ଏମ୍.ସି ର ରାଜସ୍ୱ କ୍ଷତି ହେବ । ମହାନଗର ନିଗମ ଏକ ସେବା ଯୋଗାଣକାରୀ ସଂସ୍ଥା ହୋଇଥିବାରୁ ଏହି ଗୋଷ୍ଠୀକେନ୍ଦ୍ରରେ କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଜି.ଏସ୍.ଟି (ସହ) ଟ ୧୦,୦୦୦/-ଙ୍କା ମଧ୍ୟରେ ଭଡ଼ା ସୀମିତ ରଖିବା ପାଇଁ ମୋର ଏହି ପ୍ରସ୍ତାବଟିକୁ ଅନୁମୋଦନ କରାଯାଉ । ଏଭଳି କରାଗଲେ ବିନା କ୍ଷତି ବିନା ଲାଭରେ ବି.ଏମ୍.ସି ଲୋକମାନଙ୍କୁ ସେବା ଯୋଗାଇଦିଏ ବୋଲି ବାର୍ତା ସର୍ବସାଧାରଣଙ୍କ ନିକଟରେ ପହଂଚିବ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ନାମଞ୍ଜୁର କରାଗଲା ଏବଂ ପୂର୍ବ ନିର୍ଦ୍ଧାରିତ ଭଡ଼ା ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ୱାର୍ଡ଼ ନଂ-୩୪</u>

ପ୍ରସ୍ତାବ-୬(୬). ସଭାପତି ମହୋଦୟା ଅନୁରୋଧ କରୁଅଛି, ସତ୍ୟକାଳୀ ବସ୍ତି ଉଚ୍ଛେଦ ହେବାଦ୍ୱାରା ସେହି ଜାଗାରେ ସ୍ମାର୍ଟ ସିଟି ତରଫରୁ ପାର୍କିଙ୍ଗ୍ ପ୍ରୋଜେକ୍ଟ କାମ ଅଧା କରି ପଡ଼ି ରହିଅଛି, ଯାହାଦ୍ୱାରା ଯେଉଁ ହିତାଧିକାରୀମାନେ ଗାଡ଼କଣରେ ଘର ପାଇଛନ୍ତି ପୁନଃବାର ଅନ୍-ଅଥରାଇଜଡ଼୍ ବସ୍ତି ଘର ଗଢି ଉଠିଲାଣି । ଦୟାକରି ବି.ଏମ୍.ସି ତରଫରୁ ଏକ କଲ୍ୟାଣମଣ୍ଡପ କରାଗଲେ ବି.ଏମ୍.ସି ର ଉନ୍ନତି ହେବା ସହିତ ମୋ ୱାର୍ଡ଼ବାସୀ ଉପକୃତ ହୋଇପାରିବେ ।

ନିର୍ଦ୍ଧାରଣ-୬(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୭). ଟି.ପି.ସି.ଓ.ଡ଼ି.ଏଲ୍ ଏବଂ ସ୍ୱେରେଜ୍ ବୋର୍ଡ଼ ତରଫରୁ ମୋ ୱାର୍ଡ଼ର ପ୍ରାୟ ରାସ୍ତା ଗୁଡ଼ିକ ଖୋଳି କାମ ଚାଲୁଅଛି, ଯାହାଦ୍ୱାରା ରାସ୍ତା ଗୁଡ଼ିକ ପ୍ରାୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି, ମୋର ୨୦୨୪/୨୫ ର ବି.ଏମ୍.ସି ଟେଣ୍ଡର କାମ ୱାର୍କ ଅର୍ଡ଼ର୍ ପାଇ ମଧ କାମ ହୋଇପାରୁନାହିଁ । ଦୟାକରି ସଭାପତି ମହୋଦୟା ଏହା ପ୍ରତି ଧ୍ୟାନ ଦେବେ ।

ନିର୍ଦ୍ଧାରଣ-୬(୭). ୨୦୨୪-୨୫ ଆର୍ଥିକ ବର୍ଷର କାର୍ଯ୍ୟ ଗୁଡ଼ିକ ଶୀଘ୍ର ଆରମ୍ଭ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ କବିତା ସ୍ୱାଇଁ, ୱାର୍ଡ଼ ନଂ-୪୧</u>

ପ୍ରସ୍ତାବ-୬(୮). ଭୁବନେଶ୍ୱର ମହାନଗର ନିଗମର ୪୧ ନମ୍ବର ୱାର୍ଡ଼ର ଏକ ପମ୍ପ୍ ହାଉସ୍ ଅଛି । ଉକ୍ତ ପମ୍ପ୍ ହାଉସ୍ ଦ୍ୱାରା ସେଠିକାର ଥିବା NAC Quarter ଓ ଫ୍ଲାଟ୍‌କୁ ପାଣି ଯୋଗାଇ ଦିଆଯାଇଅଛି । ବର୍ତମାନ ସମୟରେ

Watco Deptt. 24x7 Water Supply ପାଣି ଯୋଗାଣ କାର୍ଯ୍ୟକ୍ରମ ସାରିଅଛି । ଉକ୍ତ ପମ୍ପ୍ ହାଉସ୍‌ର ରକ୍ଷଣାବେକ୍ଷଣ ଆଗରୁ ବି.ଏମ୍.ସି ଦ୍ୱାରା ପରିଚାଳିତ ହୋଇଥିଲା । ବର୍ତ୍ତମାନ ସମୟରେ 24x7 Water Supply System ହେବା ଫଳରେ ପୁରୁଣା ପମ୍ପ୍ ହାଉସ୍‌ର ଆବଶ୍ୟକ କମିଯାଇଛି । ତେଣୁ ବିନୀତ ଅନୁରୋଧ ଏହିକି ଯେ, ଉକ୍ତ ପମ୍ପ୍ ହାଉସ୍ କରାଯାଉ ଯାହା ଫଳରେ କି ଲୋକମାନେ ଉପକୃତ ହେବେ ଓ ଆମ ଉପରେ ତାହାର ରକ୍ଷଣାବେକ୍ଷଣ ଆର୍ଥିକ ବୋଝ ପଡ଼ିବ ନାହିଁ ।

ନିର୍ଦ୍ଧାରଣ-୬(୮). ଏ ପ୍ରସ୍ତାବ ଉପରେ ୱାଟ୍‌କୋର ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା, ୱାର୍ଡ ନଂ-୦୩

ପ୍ରସ୍ତାବ-୬(୯). ୱାର୍ଡ଼ ନଂ-୩ ରେ କେତେକ ସ୍ଥାନରେ ଆଲୋକୀକରଣ ନିମନ୍ତେ ନୂତନ ଇଲେକ୍ଟ୍ରିପୋଲ୍ ଏବଂ ଲାଇଟ୍‌ର ଆବଶ୍ୟକତା ଅଛି ଯାହାର ସୂଚୀ ନିମ୍ନରେ ପ୍ରଦାନ କରୁଅଛି । ଏହାର ତଦନ୍ତ କରି ଯଥାଶୀଘ୍ର ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ବିନୀତ ଅନୁରୋଧ କରୁଅଛି । ଏହି କାର୍ଯ୍ୟ ସମ୍ପାଦନ ହୋଇପାରିଲେ ଆମ୍ଭେ ଆପଣଙ୍କ ନିକଟରେ ଚିରଋଣୀ ରହିବୁ । ଏହା ଉପରେ ଆଲୋଚନା ଓ ନିଷ୍ପତି :-

| ପୋଲ୍ ଏବଂ ଲାଇଟ୍ | ଲାଇଟ୍ |
|---|---|
| ୧-ବରଦେବୀ କଲୋନୀ ପାର୍କ-୪ | ୧-ସାଇ ମନ୍ଦିର-୩ |
| ୨-ଉପର ଭୋଇସାହି କ୍ଲବ୍ ଘର-୪ | ୨-ବ୍ରାହ୍ମଣ ସାହି-୩ |
| ୩-ପଟିଆ ବାଳିକା ବିଦ୍ୟାଳୟ-୪ | ୩-ମା ମଙ୍ଗଳା ସାହି ଛକ-୨ |
| ୪-ପଟିଆ ଏସ୍.ଏନ୍ ହାଇ ସ୍କୁଲ୍-୪ | ୪-ରୟାଲ୍ ଗାର୍ଡ଼େନ୍-୨ |
| ୫-ନୀଳକଣ୍ଠ ମନ୍ଦିର ପୋଖରୀ-୪ | ୫-କାନନ ବିହାର ଫେଜ୍ ୨-୫ |
| ୬-ଷଣ୍ଢ ଛକ ପାଖ ଶିବ ସାହୁଙ୍କ ଘର ସମ୍ମୁଖ-୧ | ୬-ପାଣ୍ଡା ସାହି, ପଟିଆ-୨ |
| ୭-ଶ୍ରୀବିହାର ପ୍ରୋଜେକ୍ଟ ପାର୍କ-୮ | ୭-ରାବଣ ସାହି-୨ |
| ୮-ଜେନା ସାହି ନାହାକ ଘର-୧ | ୮- ଶ୍ରୀବିହାର ଲେନ୍ ୩-୨ |
| ୯-Priti Mansion ସ୍ଥାନ-ଭୀମଭୋଇ ନଗର-୨ | ୯-ଶ୍ରୀବିହାର ଛକ-୨ |
| ୧୦-ଡ଼ମଣା କପାଳଲୋଚନ ମନ୍ଦିର ପାଖ-୨ | ୧୦-ଦୀନା ବାରିକ ଘର ସମ୍ମୁଖ-୧ |
| ୧୧-ଚନ୍ଦ୍ରଶେଖର ମନ୍ଦିର ରୋଡ୍-୨ | ୧୧-CHP କଲୋନୀ-୪ |

ନିର୍ଦ୍ଧାରଣ-୬(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭. ତା ୨୫.୦୨.୨୦୨୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ:-**

ପ୍ରସ୍ତାବ-୭(୧). ଭୁବନେଶ୍ୱର ମହାନଗର ନିଗମାଂଚଳର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ୪୦ ଗୋଟି ଜଳ ଏଟିଏମ୍ ଓ ୪ ଗୋଟି ଆର୍.ଓ. ପ୍ଲାଣ୍ଟ୍ ସ୍ଥାପନ ନିମନ୍ତେ ମେସର୍ସ ପିରମଲ ୱାଟର୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ଚୁକ୍ତିପତ୍ର ନଂ-୫୮୨୧ ତା ୧୭.୦୭.୨୦୧୬ ରିଖରେ ଟ୪,୭୫,୯୨,୧୪୮/-ଙ୍କା ରେ ସ୍ୱାକ୍ଷର ହୋଇଥିଲା । ଏହା ବର୍ତ୍ତମାନ ଚାଲୁନଥିବାରୁ ତା ୧୨.୦୧.୨୦୨୬ ରିଖରେ ଅପରାହ୍ନ ୪ ଘଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର 4th Floor Conference Hall ରେ ନିଗମର ଆୟୁକ୍ତଙ୍କ ଅଧକ୍ଷତାରେ ଭୁବନେଶ୍ୱର ସହରରେ ସ୍ଥାପିତ ୪୦ ଗୋଟି ଜଳ ଏଟିଏମ୍ ଓ ୪ ଗୋଟି ଆର୍.ଓ. ପ୍ଲାଣ୍ଟ୍‌ର ଭବିଷ୍ୟତ କାର୍ଯ୍ୟପଦ୍ଧତି ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ DBOMT ଆଧାରରେ ଏହି ପ୍ରକଳ୍ପ M/s. Piramal Water Private Limited ଦ୍ୱାରା ଚୁକ୍ତି ଅନୁଯାୟୀ ସଫଳତାର ସହିତ ଚାଳିତ ହୋଇ ଅକ୍ଟୋବର୨୦୨୩ ମାସରେ ପ୍ରକଳ୍ପ ସମ୍ପତି ବି.ଏମ୍.ସି କୁ ହସ୍ତାନ୍ତର କରାଯାଇଛି । AIILSG ମାଧ୍ୟମରେ ନିଯୁକ୍ତ ଆଉଟ୍‌ସୋର୍ସ ମାନବ ସମ୍ବଳର ଅବଧି ତା୨୦.୧୦.୨୦୨୪ ରିଖରେ ସମାପ୍ତ ହୋଇଛି ଏବଂ ବର୍ତ୍ତମାନ ସମୟରେ ସମସ୍ତ ୪୦ ଗୋଟି ଜଳ ଏଟିଏମ୍ ଅକାର୍ଯ୍ୟକ୍ଷମ ଅଛି । ୱାଟ୍‌କୋ ଡ଼ିଭିଜନ୍-II ଦ୍ୱାରା ଅବଗତ

କରାଯାଇଥିଲା ଯେ ଭୁବନେଶ୍ୱର ସହର ପାଇଁ ଆର୍.ଓ. ଶୋଧନ ଆବଶ୍ୟକ ନୁହେଁ, କାରଣ ପ୍ରସ୍ତୁତ ପୃଷ୍ଠ ଜଳର TDS ସ୍ତର ୫୦୦ mg/L ମଧ୍ୟରେ ଅଛି ଏବଂ Universal Coverage Scheme ଅନ୍ତର୍ଗତ ସହର ସମଗ୍ରରେ ପାଇପ୍ ମାଧ୍ୟମରେ ପାନୀୟ ଜଳଯୋଗାଣ ହୋଇସାରିଛି । ଉକ୍ତ ୪୦ ଗୋଟି ଜଳ ଏଟିଏମ୍ ଓ ୪ ଗୋଟି ଆର୍.ଓ. ପ୍ଲାଂଟ୍‌କୁ ନିୟମିତ ପ୍ରକ୍ରିୟା ଅନୁସାରେ ନିଲାମ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ-XXXXXVI-(E & DM)-4/2026 ଟିପ୍ପଣୀ-୧ ରୁ ୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ପ୍ରକାଶ ଥାଉକି, ସେଠାରେ ପାନୀୟ ଜଳର ଆବଶ୍ୟକତା ଥିବାରୁ ସେହି ସ୍ଥାନରେ Water Kiosk ନିର୍ମାଣ କରିବା ଓ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ୱାଟ୍‌କୋକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨). ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ରେ ସାଧାରଣ ମ୍ୟାନେଜର୍ ତାଙ୍କ ପତ୍ରସଂଖ୍ୟା-୧୭୫୬ ତା ୧୧.୧୨.୨୦୨୫ ରିଖରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ୭ ଗୋଟି ପାର୍କର ରକ୍ଷଣାବେକ୍ଷଣ ପାଇଁ ବି.ଏସ୍.ସି.ଏଲ୍ ଏବଂ ବି.ଏମ୍.ସି ର ମିଳିତ ସତ୍ୟାପନ ସହିତ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ଜଣାଇଛନ୍ତି । ଏହି ୭ ଗୋଟି ପାର୍କର ରକ୍ଷଣାବେକ୍ଷଣ ଆଉଟ୍‌ସୋର୍ସିଂ ଏଜେନ୍ସି Jagannath & Placement Service ମାଧ୍ୟମରେ କରାଯିବା ପାଇଁ ସ୍ଥିର କରାଯାଇଛି । Jagannath & Placement Service ୭ ଗୋଟି ପାର୍କର ରକ୍ଷଣାବେକ୍ଷଣ ବାବଦକୁ ଟ୬,୫୨,୨୧୨/-ଙ୍କା ଖର୍ଚ୍ଚ ଅଟକଳ (Estimate) ପ୍ରଦାନ କରିଛନ୍ତି । ଏହାର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର :-
ନଥି ନଂ-XXXX-III-(Env.)-63/2025 ଟିପ୍ପଣୀ-୧ ରୁ ୨୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ନିମ୍ନବର୍ଣ୍ଣିତ ମିଡ଼ିଆନ୍‌ର ରକ୍ଷଣାବେକ୍ଷଣ ପାଇଁ OFDC ଦ୍ୱାରା OMC ଦ୍ୱାରା ପ୍ରଦତ୍ତ ଅର୍ଥରେ ସମ୍ପାଦନ କରାଯାଉଥିଲା । ବର୍ତ୍ତମାନ OMC ଅର୍ଥ ପ୍ରଦାନ କରୁନଥିବାରୁ ଆର୍ଥିକ ବର୍ଷ ୨୦୨୩-୨୪ ରୁ ୨୦୨୪-୨୫ ରେ ଖର୍ଚ୍ଚର ବିବରଣୀ ଦାଖଲ କରିଛନ୍ତି । ଏହାକୁ ବି.ଏମ୍.ସି ଫଣ୍ଡ୍‌ରୁ ସାମୟିକ ଭାବେ ଟ ୫,୦୦,୦୦,୦୦୦/-ଙ୍କା (ପାଂଚ କୋଟି) ଟଙ୍କା ଏବଂ ଅବଶିଷ୍ଟ ମାର୍ଚ୍ଚ ମାସ ପରେ ପଇଠ କରିବା ପାଇଁ କର୍ପୋରେସନଙ୍କ ବିଚାର :- ନଥି ନଂ- XXXX-III-(Env.)-35/2022 (Part-II) ଟିପ୍ପଣୀ-୧ ରୁ ୩୮ ଦ୍ରଷ୍ଟବ୍ୟ ।

| Sl. No. | Name of the sites | Period | Amount (in Rs.) |
|---|---|---|---|
| 1 | Poonama gate to Biju Patnaik statue near Airport, then to AG Square and Governor House Square to Damana Square =10.29 KM (2nd year maintenance) | 5th Nov.-2023 to 4th Nov.-2024 | Rs.1,97,94,044/- |
| | Poonama gate to Biju Patnaik statue near Airport, then to AG Square and Governor House Square to Damana Square=10.29 KM (3rd year maintenance) | 5th Nov.-2024 to 4th Nov.-2025 | Rs. 3,33,98,199/- |
| 2 | Jaydev Vihar Flyover landscaping (2nd year maintenance) | 1st April-2023 to 31st March-2024 | Rs.32,45,947/- |
| | Jaydev Vihar Flyover landscaping (3rd year maintenance) | 1st April-2024 to 31st March-2025 | Rs.66,30,564/- |
| 3 | Maintenance of Median and right-side patch of Nayapalli | 1st Dec.-2024 to 30th Nov.-2025 | Rs.3,65,575/- |

| | | | |
|---|---|---|---|
| | Behera Sahi SURE Road from traffic Chhaka to Road 4000 Mtr. ($1^{st}$ year maintenance ) | | |
| | | Total | Rs.6,34,34,329/- |

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ପ୍ରକାଶ ଥାଉକି, ପ୍ରସ୍ତାବ ବର୍ଣ୍ଣିତ ମିଡ଼ିଆନ୍ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ OMC ଏବଂ ବିଭିନ୍ନ ସଂସ୍ଥାଙ୍କୁ ତାଙ୍କ CSR Fund ରୁ ଅନୁଦାନ ପ୍ରଦାନ କରିବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୪). ମିଡ଼ିଆନ୍‌ର ରକ୍ଷଣାବେକ୍ଷଣ ପାଇଁ OFDC ଦ୍ୱାରା ଆର୍ଥିକ ବର୍ଷ ୨୦୨୫-୨୬ ରେ ଓ୍ୱାର୍ଡ଼ର ବିବରଣୀ ଦାଖଲ କରିଛନ୍ତି । ଏହାର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ- XXXX-III-(Env.)-35/2022

| Sl. No. | Name of the Work | Estimate amount FY 2025-26 |
|---|---|---|
| 1 | Punama Gate to Biju Pattnaik Statue Area near Airport, then to AG Square and Governor House Square to Damana Square (10.29 KM) | Rs.2,85,08,855/-<br>(05 Nov.-2025 to 04 Nov.-2026) |
| 2 | Jayadev Vihar Flyover landscaping | Rs.45,90,417/-<br>(01 April-2025 to 31 March-2026) |
| 3 | Maintenance of median and right side patch of Nayapalli, Behera Sahi (SURE Road) from traffic square to RD 400 mtr. | Rs.3,50,288/-<br>(01 Dec.-2025 to 30 Nov.-2026) |
| | | Rs.3,34,49,560/- |

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ପୂର୍ବ ବର୍ଷ ପରି ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ମହାଶିବରାତ୍ରୀ ପାଳନ ଉପଲକ୍ଷେ ଭଜନ ସମାରୋହ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଟ.୧୦,୦୦,୦୦୦/- (ଦଶ ଲକ୍ଷ ଟଙ୍କା) ମାତ୍ର ଆର୍ଥିକ ଅନୁଦାନ ମଞ୍ଜୁର କରିବା ନିମନ୍ତେ ସଭାପତି ଏକାମ୍ର ସାଂସ୍କୃତିକ ପ୍ରକାଶନୀ ଅନୁରୋଧ କରିଛନ୍ତି ଏବଂ ଗତବର୍ଷ ପ୍ରଦାନ କରାଯାଇଥିବା ରାଶିର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିଛନ୍ତି । ନଥି ନଂ-XXXXII-Gen(GIA)-02/2021 ଟିପ୍ପଣୀ ପୃଷ୍ଠା ୧ ରୁ ୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତିକରି କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ ଟ.୧,୦୦,୦୦୦/- (ଏକ ଲକ୍ଷ ଟଙ୍କା) ମାତ୍ର ଅନୁଦାନ ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୫). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ପ୍ରତିବର୍ଷ ପରି ଚଳିତ ବର୍ଷ ୨୦୨୫-୨୬ ରେ ସ୍ୱର୍ଗତ ଡ଼. ହରେକୃଷ୍ଣ ମହତାବ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ଡ଼. ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ଟ ୧,୦୦,୦୦୦/- (ଏକ ଲକ୍ଷ) ମାତ୍ର ଅନୁଦାନ ମଞ୍ଜୁର କରିବା ପାଇଁ ଅନୁରୋଧ କରିଛନ୍ତି । ନଥି ନଂ- XXXXII-(G.I.A)-08/2020 ଟିପ୍ପଣୀ ପୃଷ୍ଠା-୧ ରୁ ୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ତଥା ଓଡ଼ିଶା ମୁନିସିପାଲ୍ କର୍ପୋରେସନ୍ ଆଇନ୍-୨୦୦୩ ର ଧାରା-୨୫ ଉପଧାରା XXXII ଅନୁଯାୟୀ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ପୂର୍ବ ବର୍ଷ ପରି ଚଳିତ ବର୍ଷ ଡ଼. ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ସମ୍ପାଦକଙ୍କ ସପକ୍ଷରେ ଟ ୫୦,୦୦୦ (ପଚାଶ ହଜାର) ମାତ୍ର ମାନ୍ୟବର ମେୟରଙ୍କ ଆଦେଶ ମତେ ଓ କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୬). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ଚଳିତ ବର୍ଷ ୨୦୨୬ ରେ ଖଣ୍ଡଗିରି ମେଳା ଅବସରରେ ସମ୍ପାଦକ, ମା' ବାରଭୁଜା ମ୍ୟାନେଜିଙ୍ଗ୍ ଟେମ୍ପୁଲ୍ ଟ୍ରଷ୍ଟ୍ ଖଣ୍ଡଗିରି, ଭୁବନେଶ୍ୱର ମହାନଗର ନିଗମ ତରଫରୁ ଟ ୧୦,୦୦୦/-ଙ୍କା (ଦଶ ହଜାର ଟଙ୍କା) ମାତ୍ର ଆର୍ଥିକ ଅନୁମୋଦନ ନିମନ୍ତେ ଅନୁରୋଧ କରିଛନ୍ତି । ନଥି ନଂ- XXIII-(Gen.misc.)-272/2026 ଟିପ୍ପଣୀ ପୃଷ୍ଠା-୧ ରୁ ୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତିକରି ମା' ବାରଭୁଜା ମ୍ୟାନେଜିଙ୍ଗ୍ ଟେମ୍ପୁଲ୍ ଟ୍ରଷ୍ଟ୍ ଖଣ୍ଡଗିରି, ଭୁବନେଶ୍ୱର ସପକ୍ଷରେ ଟ ୧୦,୦୦୦/-ଙ୍କା (ଦଶ ହଜାର ଟଙ୍କା) ମାତ୍ର ମାନ୍ୟବର ମେୟରଙ୍କ ଆଦେଶ ମତେ ଓ କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୭). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ର ଧାରା-୩୦ ଅନୁଯାୟୀ ମ୍ୟୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ ତାଙ୍କର ଅଧିନସ୍ଥ ନିଗମରେ କାର୍ଯ୍ୟରତ ଥିବା ଅଧିକାରୀ ମାନଙ୍କୁ କାର୍ଯ୍ୟର ସୁପରିଚାଳନା ନିମନ୍ତେ ତାଙ୍କର କ୍ଷମତା ହସ୍ତାନ୍ତର କରିବା ବ୍ୟବସ୍ଥା ଅଛି । ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୫୮୬୬ ତା ୩୧.୦୧.୨୦୨୬ ରିଖ ମାଧ୍ୟମରେ ଶ୍ରୀ ରତ୍ନାକର ସାହୁ, ଅତିରିକ୍ତ କମିଶନରଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ, ଆଦେଶ ସଂଖ୍ୟା-୬୧୨୫ ତା ୦୨.୦୨.୨୦୨୬ ରିଖ ମାଧ୍ୟମରେ ଶ୍ରୀମତୀ ସସ୍ମିତା ସାହୁ, ଅତିରିକ୍ତ କମିଶନରଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ ଏବଂ ଆଦେଶ ସଂଖ୍ୟା-୬୧୨୮ ତା ୦୨.୦୨.୨୦୨୬ ରିଖ ମାଧ୍ୟମରେ ଶ୍ରୀ କୈଳାଶ ଚନ୍ଦ୍ର ଦାସ, ଅତିରିକ୍ତ କମିଶନରଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ ହସ୍ତାନ୍ତରିତ କରିଅଛନ୍ତି ।

ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ବର୍ଦ୍ଧିତ ଧାରା-୩୦ (୨)-ତଥା- ନଥି ନଂ-XXIII-Gen (misc.)-31/2024 (Pt.) ଟିପ୍ପଣୀ-୧୮ ରୁ ୨୬ ରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଏହାର କାର୍ଯ୍ୟୋତର ମଞ୍ଜୁର ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୮). ନିଗମର କମିଶନର କିମ୍ବା ତାଙ୍କ ଠାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଶାସନିକ ଅନୁମୋଦନ ମିଳିଥିଲେ ପ୍ରସ୍ତାବ ବର୍ଣ୍ଣିତ ମତେ ଅତିରିକ୍ତ ଅଧିକାରୀମାନେ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଲ୍ ପାସ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୯). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା RFP No.- ୫୮୦୫୨ ତା-୧୭.୧୧.୨୦୨୫ ମାଧ୍ୟମରେ ୨୫ TPD କ୍ଷମତାର Biomass Briquette Production Plant ପାଇଁ ଏଜେନ୍ସି ଚୟନ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟେକ୍ନିକାଲ୍ ମୂଲ୍ୟାୟନ ପରେ ଉଭୟ ବିଡର ଯୋଗ୍ୟ ଘୋଷିତ ହୋଇଥିଲେ ଏବଂ ୩୦.୦୧.୨୦୨୬ ରେ ଫାଇନାନ୍ସିଆଲ ବିଡ୍ ଖୋଲାଯାଇଥିଲା ।

| Sl. No. | Name of Bidder | Quoted Lump-sum Monthly Royalty (Rs.) |
|---|---|---|
| 1 | M/s Ruchi Udyog | 75,000/- |
| 2 | M/s N.S. Chemicals | 25,000/- |

ଏହି ପରିସ୍ଥିତିରେ M/s Ruchi Udyog Rs.75,000/- ମାସିକ ରୟାଲ୍ଟି କୋଟ୍ କରି H-1 ବିଡର ଭାବେ ଚୟନିତ ହୋଇଛି । ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମର ନିଗମ ପତ୍ର ସଂଖ୍ୟା-୭୬୯୫ ତା-୦୭.୦୨.୨୦୨୬ ମାଧ୍ୟମରେ Letter of Award ଜାରି କରାଯାଇଛି । ମାନନୀୟା ମେୟରଙ୍କ ଆଦେଶ କ୍ରମେ ଏହାର କାର୍ଯ୍ୟୋତର ଅନୁମୋଦନ ସଂପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXXX-II-SWMPMU-140/24-25, ଟିପ୍ପଣୀ ୩୬ ରୁ ୩୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୯). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା । ପ୍ରକାଶ ଥାଉକି, ଉକ୍ତ ସଂସ୍ଥା ସଠିକ୍ ଭାବେ କାର୍ଯ୍ୟ ସମ୍ପାଦନ ନକଲେ ସଙ୍ଗେ ସଙ୍ଗେ ତାଙ୍କର ଚୁକ୍ତିପତ୍ର ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୦). ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୬ ଜଣ Accountant ମାନଙ୍କର ୧ ବର୍ଷ ଚୁକ୍ତି ନବୀକରଣ ନିମନ୍ତେ Establishment Standing Committee ସେମାନଙ୍କର ଚୁକ୍ତି ମିଆଦ ୩ ମାସ ବୃଦ୍ଧି କରିବା ସହିତ performance report ଆଣିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ସମସ୍ତ Accountant ମାନଙ୍କର ସନ୍ତୋଷଜନକ performance report ମିଳିବା ପରେ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟି ସେମାନଙ୍କର ଚୁକ୍ତି ମିଆଦ ଆଉ ୯ ମାସ ଅର୍ଥାତ ଜୁନ୍-୨୦୨୬ ଯାଏଁ ବୃଦ୍ଧି କରିଛନ୍ତି । ଏହା ଉପରେ କର୍ପୋରେସନଙ୍କ ବିଚାର । ନଥି ନଂ-I-Acct-02/2023 ଟିପ୍ପଣୀ ୨୫୨ ରୁ ୨୫୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୦). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୧). ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ବି.ଡ଼ି.ଏ ମୁଖ୍ୟ ଉଦ୍ୟାନବିତଙ୍କ ଦ୍ୱାରା ୨ ଟି ମେଡ଼ିଆନ୍ ଏବଂ ୫ ଟି ଲ୍ୟାଣ୍ଡସ୍କେପିଙ୍ଗ୍ ଯାହାକି ବି.ଡ଼ି.ଏ ଅଧିନରେ ରକ୍ଷଣାବେକ୍ଷଣ କରାଯାଉଥିଲା, ବର୍ତ୍ତମାନ ଏପ୍ରିଲ୍ ମାସରୁ ଏହି ୨ ଟି ମେଡ଼ିଆନ୍ ଏବଂ ୫ ଟି ଲ୍ୟାଣ୍ଡସ୍କେପିଙ୍ଗ୍ ସଂଲଗ୍ନ-"କ" ମତେ ରକ୍ଷଣାବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ନଥି ନଂ- XXXX-III-Env.-4/2026 ଟିପ୍ପଣୀ ପୃଷ୍ଠା-୧ ରୁ ୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ସଂଲଗ୍ନ-"କ" ମତେ ୨୦ ଗୋଟି ମେଡ଼ିଆନ୍ ଏବଂ ୫ ଟି ଲ୍ୟାଣ୍ଡସ୍କେପିଙ୍ଗ୍‌ର କାର୍ଯ୍ୟଭାର ଗ୍ରହଣ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ପୁରୁଣା ଭୁବନେଶ୍ୱର ସ୍ଥିତ ପୌର ଚିକିତ୍ସାଳୟରେ ଡ଼. ମଧୁଛନ୍ଦା ମହାନ୍ତି ଚର୍ମ ଓ ଯୌନ ରୋଗ ଡ଼ାକ୍ତର ଭାବେ ତା ୧୮.୦୩.୨୦୨୫ ରିଖ ଠାରୁ ଏକ ବର୍ଷ ନିମନ୍ତେ କଂଟ୍ରାକ୍‌ଚୁଆଲ୍ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କର କାର୍ଯ୍ୟକାଳ ତା ୧୭.୦୩.୨୦୨୬ ରିଖରେ ସମ୍ପୂର୍ଣ୍ଣ ହେଉଥିବାରୁ ତାଙ୍କର କାର୍ଯ୍ୟକାଳ ତା ୧୮.୦୩.୨୦୨୬ ରିଖ ଠାରୁ ତା ୧୭.୦୩.୨୦୨୭ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୩). ଭୁବନେଶ୍ୱର ମହାନଗର ନିଗମର ଆଇଟି ଉପବିଭାଗରେ ଆଉଟ୍‌ସୋର୍ସିଂ ଜରିଆରେ ତିନି ଜଣ ଆଇଟି କନ୍‌ସଲଟାଂଟ୍ ନିୟୋଜିତ ହୋଇଛନ୍ତି । ଆଉଟ୍‌ସୋର୍ସିଂ ଏଜେନ୍ସି ମେସର୍ସ ଓରିଏଂଟାଲ୍ ସିକ୍ୟୁରିଟି ସର୍ଭିସେସ୍ (M/s Oriental Security Services) ସହିତ ହୋଇଥିବା ଚୁକ୍ତିପତ୍ର ଅନୁଯାୟୀ ପ୍ରତିବର୍ଷ ଏହି ତିନି ଜଣ ଆଇଟି କନ୍‌ସଲଟାଂଟ୍‌ଙ୍କର ପାରିଶ୍ରମିକ (Remuneration) ୧୦ ପ୍ରତିଶତ ବୃଦ୍ଧି କରାଯିବ । ଏହା ଚୁକ୍ତିପତ୍ର କ୍ଲଜ୍ ନଂ-୨.୧୪ ରେ ଉଲ୍ଲେଖ ରହିଅଛି । ଅପରପକ୍ଷେ ଆଇଟି ଉପ ଆୟୁକ୍ତଙ୍କ ଦ୍ୱାରା ସମ୍ପୃକ୍ତ କର୍ମଚାରୀଙ୍କର ସନ୍ତୋଷଜନକ Performance Report ମଧ୍ୟ ପ୍ରଦାନ କରାଯାଇଅଛି । ସଂପ୍ରତି ସେମାନେ ପାଉଥିବା ପାରିଶ୍ରମିକ ନିମ୍ନରେ ପ୍ରଦାନ କରାଗଲା । ବାର୍ଷିକ ଚୁକ୍ତିପତ୍ରର ଅବଧି ଚଳିତ ଏପ୍ରିଲ୍ ୩୦ ତାରିଖରୁ ଶେଷ ହୋଇଯାଉଥିବାରୁ ତାହା ଏକ ବର୍ଷ ପାଇଁ ନବୀକରଣ (Renewal) କରାଯିବାର ଆବଶ୍ୟକତା ରହିଛି ।

ତଦନୁଯାୟୀ ନିମ୍ନବର୍ଣ୍ଣିତ ତିନି ଜଣ ଆଇଟି କନ୍‌ସଲଟାଂଟ୍‌ଙ୍କର ନିୟୋଜିତ କାର୍ଯ୍ୟକାଳ ପୁନଃ ଏକ ବର୍ଷ ପାଇଁ ନବୀକରଣ (Renewal) କରାଯିବା ସହ ସେମାନଙ୍କର ପାରିଶ୍ରମିକ ୧୦ ପ୍ରତିଶତ ବୃଦ୍ଧି କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ-XIV- (Land & IT)-39/2022

**Remuneration of the Employees**

| Sl. No. | Name of the Post | No. of Post | Present Remuneration | Revised Remuneration (After 10% increment) |
|---|---|---|---|---|
| 1 | Consultant (IT Infrastructure Expert) | 01 | Rs.36,300/- | Rs.39,930/- |
| 2 | Consultant (Software) | 01 | Rs.36,300/- | Rs.39,930/- |
| 3 | Technical Support Assistant (Hardware) | 01 | Rs.18,150/- | Rs.19,965/- |

ନିର୍ଦ୍ଧାରଣ-୭(୧୩). ପ୍ରସ୍ତାବ ବର୍ଣ୍ଣିତ ତିନି ଜଣ ଆଇ.ଟି କନ୍‌ସଲଟାଂଟ୍‌ଙ୍କର ନିୟୋଜନ କାର୍ଯ୍ୟକାଳ ପୁନଃ ଏକ ବର୍ଷ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ-୭(୧୪). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଡ଼ି.ଏଲ୍.ଆର୍-୨୪୯ ଜଣ ଓ ସି.ଏଲ୍.ଆର୍-୬୧୫ ଜଣ କାର୍ଯ୍ୟ କରି ଆସୁଥିଲେ । ସେମାନଙ୍କ ନିଯୋଜନର ଜରୁରୀ ଆବଶ୍ୟକତା ଦର୍ଶାଇ ରାଜ୍ୟ ସରକାରଙ୍କ ଠାରୁ ସେମାନଙ୍କ ନିଯୋଜନର ମଞ୍ଜୁରୀ ଆଣିବା ନିମନ୍ତେ ଆଇନ୍ ଅନୁଯାୟୀ ନିଗମ ତରଫରୁ ପତ୍ରସଂଖ୍ୟା-୪୩୫୮୯ ତା ୦୨.୦୯.୨୦୨୫ ରିଖରେ କାର୍ଯ୍ୟରତ ଡ଼ି.ଏଲ୍.ଆର୍/ ସି.ଏଲ୍.ଆର୍ ଙ୍କ ନିଯୋଜନକୁ ଗ୍ରହଣରଖିବା ପାଇଁ OMC Act-2003 ର ଧାରା-୪୭ ଅନୁଯାୟୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଅଛି ।

ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ସଂଖ୍ୟକ କର୍ମଚାରୀ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଅସ୍ଥାୟୀ କର୍ମଚାରୀମାନେ ମଧ ନିଗମ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ଜରୁରୀ କାର୍ଯ୍ୟ ଗୁଡ଼ିକରେ କାର୍ଯ୍ୟରତ ଅଛନ୍ତି । ଏମାନଙ୍କ ବ୍ୟତୀତ ସହରର ପରିଷ୍କାର ପରିଚ୍ଛନ୍ନ ଓ ନିଗମ କାର୍ଯ୍ୟାଳୟର ଜରୁରୀ ଆବଶ୍ୟକୀୟ କାର୍ଯ୍ୟ ଗୁଡ଼ିକରେ ବାଧା ସୃଷ୍ଟି ହେବ । ସେମାନଙ୍କ ନିଯୋଜନକୁ ଅନୁମୋଦନ ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ବାରମ୍ବାର ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଥିଲେ ମଧ ରାଜ୍ୟ ସରକାରଙ୍କ ଠାରୁ କୌଣସି ପ୍ରତି ଉତର ଏଯାବତ୍ ହସ୍ତଗତ ହୋଇନାହିଁ । ନଥି ନଂ-XXI-DLR (Part File)-32/19 ଟିପ୍ପଣୀ ପୃଷ୍ଠା-୧ ରୁ ୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ, କାର୍ଯ୍ୟାଳୟ ସୁପାରିଶ ଓ ମାନ୍ୟବର ମେୟରଙ୍କ ଆଦେଶକୁ ଭିତିକରି ଡ଼ି.ଏଲ୍.ଆର୍-୨୩୫ ଜଣ ଓ ସି.ଏଲ୍.ଆର୍-୫୯୧ ଜଣ ନିଯୋଜନ ସମୟସୀମା (Continuance) ତା ୦୧.୦୧.୨୦୨୬ ରିଖ ଠାରୁ ତା ୩୧.୧୨.୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୫). "ମେକ୍-ଇ-ସ୍ମାର୍ଟ"ର ଏଲ୍.ଇ.ଡ଼ି ଷ୍ଟ୍ରିଟ୍ ଲାଇଟ୍ ହସ୍ତାନ୍ତର ସମ୍ପର୍କରେ, ଯାହା M/s Super Wealth Financial Enterprises Pvt. Ltd. ଦ୍ୱାରା ଯୋଗାଇ ଦିଆଯାଇଅଛି । ଏହି ଲାଇଟ୍ ଗୁଡ଼ିକ ବି.ଏମ୍.ସି ଅଂଚଳର ବିଭିନ୍ନ ଏଜେନ୍ସି ଦ୍ୱାରା ସ୍ଥାପିତ ହୋଇଛି । ପୂର୍ବରୁ ଏହି ଲାଇଟ୍ ଗୁଡ଼ିକ ବି.ଏମ୍.ସି ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିଲା ଏବଂ ମରାମତି କାର୍ଯ୍ୟ M/s Super Wealth Financial Enterprises Pvt. Ltd. ଦ୍ୱାରା କରାଯାଉଥିଲା । ବର୍ତମାନ ସମସ୍ତ ଲାଇଟ୍‌ର ୱାରେଂଟି ଅବଧି ଶେଷ ହୋଇଗଲାଣି ଏବଂ ଏହା ନିୟମିତ O&M ଚୁକ୍ତିନାମା ଅଧିନରେ ଆସୁନାହିଁ । ତେଣୁ, ବି.ଏମ୍.ସି ର ବିଭିନ୍ନ ପ୍ରମୁଖ ସ୍ଥାନ ଏବଂ ଆଭ୍ୟନ୍ତରୀଣ ଅଂଚଳରେ LED ଷ୍ଟ୍ରିଟ ଲାଇଟ୍ ରକ୍ଷଣାବେକ୍ଷଣ ସମୟରେ ଆମେ ସମସ୍ୟାର ସମ୍ମୁଖୀନ ହେଉଛୁ । ତେବେ ଆମେ ପ୍ରତି ମାସରେ ପ୍ରତି ଫିକ୍ସଚର ପାଇଁ 42.67 @ 8639 ଟି LED ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ M/s Super Wealth Financial Enterprises Pvt. Ltd. କୁ ହସ୍ତାନ୍ତର କରିପାରିବା । (ଚୁକ୍ତିନାମା ଧାରା ସଂଖ୍ୟା ୧୬.୨.୨) ଯାହାର ମୋଟ ମାସିକ ମୂଲ୍ୟ ୪୨.୬୭ x ୮୬୩୯ = ଟ୩,୬୮,୬୨୬.୧୩/-ଙ୍କା ହେବ । (ନିୟମିତ O&M ଚୁକ୍ତିନାମା ସମାପ୍ତ ହେବା ପର୍ଯ୍ୟନ୍ତ ଅର୍ଥାତ୍ ୩୧.୦୫.୨୦୨୬) ଉକ୍ତ ପ୍ରସ୍ତାବ ଉପରେ କର୍ପୋରେସନଙ୍କ ବିଚାର :-
ନଥି ନଂ-XXVII-22/2026

ନିର୍ଦ୍ଧାରଣ-୭(୧୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୬).ନର୍ଥ ଜୋନ୍ ଓ.ଡ଼ି.ଏ କୋର୍ଟ ର ଆବଶ୍ୟକତାକୁ ଦୃଷ୍ଟିରେ ରଖି କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧) ତା୨୩.୦୨.୨୦୨୪ ରିଖ ଅନୁମୋଦନ କ୍ରମେ AIILSG ଙ୍କ ଦ୍ୱାରା ଏକ ଅମିନ, ଭୁବନେଶ୍ୱର ମହାନଗର ନିଗମକୁ ଚୁକ୍ତିପତ୍ର ଅନୁସାରେ ଯୋଗାଇଥିଲେ ଏବଂ ଚୁକ୍ତିପତ୍ର ମିଆଦ ତା ୦୩.୦୨.୨୦୨୬ ରିଖ ସୁଦ୍ଧା ସରିଯାଇଛି, ଏଣୁ ନର୍ଥ ଜୋନ୍, ODA Court ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ କମିଶନର ଏବଂ ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ ପୂର୍ବରୁ ଯୋଗାଇ ଦିଆଯାଇଥିବା ଅମିନଙ୍କୁ ପୁନର୍ବାର ଚୁକ୍ତି ଅନୁଯାଇ AIILSG ଙ୍କୁ ମାନବ ସମ୍ବଳ ଯୋଗାଇବା ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ-XI -ODA (NZ)-01/26 ଟିପ୍ପଣୀ-୧ ରୁ ୮ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ପ୍ରକାଶ ଥାଉକି, ଜଣେ Asst. Amin ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୭).ଆଉଟ୍‌ସୋର୍ସିଂ ଏଜେନ୍ସି ମେସର୍ସ ସୈନିକ ଇଂଟେଲିଜେନ୍ସ ଆଣ୍ଡ୍ ସିକ୍ୟୁରିଟି ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ପ୍ଲାନିଙ୍ଗ୍ ସେଲ୍, ବି.ଏମ୍.ସି ରେ ଚାରି ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କୁ ନିୟୋଜିତ କରାଯାଇଛି ଏବଂ ଏଜେନ୍ସି ସହିତ ଏକ ଚୁକ୍ତିନାମା କରାଯାଇଛି । ଶେଷ ଥର ପାଇଁ ଏହି କାର୍ଯ୍ୟନିର୍ବାହ ତା ୩୦.୧୧.୨୦୨୩ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ଏବଂ ମାନନୀୟା ମେୟରଙ୍କ ଆଦେଶ ମତେ ନୂତନ ଏଜେନ୍ସି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ଯୋଜନା ବିଭାଗକୁ ଉପରୋକ୍ତ ବୈଷୟିକ ମାନବ ଶକ୍ତି ପ୍ରଦାନ କରିବା ପାଇଁ ସୈନିକ ଇଂଟେଲିଜେନ୍ସ ଆଣ୍ଡ୍ ସିକ୍ୟୁରିଟି ପ୍ରାଇଭେଟ୍ ଲିମିଟେଡ୍ ଆଉଟ୍‌ସୋର୍ସିଂ ଏଜେନ୍ସି ସହିତ ଚୁକ୍ତିନାମା ବୃଦ୍ଧି କରାଯାଇପାରିବା ପାଇଁ କାର୍ଯ୍ୟାଳୟ ପତ୍ରସଂଖ୍ୟା-୬୧୪୬୩ ତା ୨୭.୧୨.୨୦୨୩ ରିଖ ମାଧ୍ୟମରେ ସୂଚିତ କରାଯାଇଥିଲା । ତା ୩୦.୧୧.୨୦୨୩ ରିଖ ପରେ କୌଣସି ଚୁକ୍ତିନାମା ସ୍ୱାକ୍ଷରିତ ହୋଇନଥିବାରୁ ସି.ଏଫ୍.ଓ ଙ୍କ ଦ୍ୱାରା ଉଠାଯାଇଥିବା ଆପତି ଅନୁଯାୟୀ ଏହା ସ୍ୱାକ୍ଷରିତ ହୋଇପାରେ । ଏକ ନୂତନ ଏଜେନ୍ସିକୁ ଚୂଡ଼ାନ୍ତ କରିବା ପାଇଁ ପଦକ୍ଷେପ ନିଆଯାଇପାରେ ଏବଂ ସେପର୍ଯ୍ୟନ୍ତ ଯୋଜନା ବିଭାଗରେ ଥିବା ମାନବ ଶକ୍ତି ୩ (ତିନି) ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କୁ ବର୍ତ୍ତମାନ ମାନବ ସମ୍ବଳ ଯୋଗାଣକାରୀ ସଂସ୍ଥା ସୈନିକ ଇଂଟେଲିଜେନ୍ସ ଆଣ୍ଡ୍ ସିକ୍ୟୁରିଟି ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ନିଯୁକ୍ତି ଜାରି ରଖିବା ପାଇଁ ଏବଂ ଏଥି ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଇବା ପାଇଁ କର୍ପୋରେସନଙ୍କ ବିଚାର:- ନଥି ନଂ-XXIII-Gen.misc.-266/2016

ନିର୍ଦ୍ଧାରଣ-୭(୧୭).ପ୍ରସ୍ତାବ ବର୍ଣ୍ଣିତ ମେସର୍ସ ସୈନିକ ଇଂଟେଲିଜେନ୍ସ ଆଣ୍ଡ୍ ସିକ୍ୟୁରିଟି ପ୍ରାଇଭେଟ୍ ଲିମିଟେଡ୍‌ଙ୍କ ଚୁକ୍ତିପତ୍ର ମିଆଦ ତା ୩୦.୦୪.୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏହି ସମୟ ମଧ୍ୟରେ ପୁନଃ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୮).ଭୁବନେଶ୍ୱର ମହାନଗର ନିଗମ (BMC) ଦ୍ୱାରା ଭୁଆସୁଣି ଠାରେ ସଂଚିତ Legacy Waste ର Biomining ଓ Processing କାର୍ଯ୍ୟ M/s Jagruti Welfare Organisation ଦ୍ୱାରା କାର୍ଯ୍ୟରତ ଅଛି। 2019 ମସିହାରେ M/s KIIT University, Bhubaneswar ଦ୍ୱାରା କରାଯାଇଥିବା Quantification Survey ଅନୁସାରେ ପ୍ରାୟ 16 ଲକ୍ଷ ମେଟ୍ରିକ୍ ଟନ୍ (MT) Legacy Waste ସଂଚିତ ଅଛି ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଥିଲା ଏବଂ ଉକ୍ତ ରିପୋର୍ଟ BMC କୁ ଦାଖଲ କରାଯାଇଥିଲା।

କିନ୍ତୁ ପରବର୍ତ୍ତୀ କାଳେ, Bhuasuni, Daruthenga-Grampanchayat ଅଞ୍ଚଳର ସ୍ଥାନୀୟ ନିବାସୀମାନଙ୍କ ପକ୍ଷରୁ "Garbage Dumping ବନ୍ଦ ନହେବା ପର୍ଯ୍ୟନ୍ତ Biomining Processing କାର୍ଯ୍ୟ ଆରମ୍ଭ କରିବାକୁ ଦିଆଯିବ ନାହିଁ" ବୋଲି ପ୍ରତିବାଦ ହେଉଥିଲା। ଏହାସହ ସମସ୍ତ ଅବଶିଷ୍ଟ processing ପାଇଁ ପ୍ରୟୋଜନୀୟ କାର୍ଯ୍ୟସ୍ଥଳ ଓ processing ସୁବିଧା ସେତେବେଳେ BMC ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ନଥିଲା। ଏହି କାରଣରୁ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଘଟିଥିଲା ।

ପରବର୍ତ୍ତୀ କାଳେ 15.10.2023 ତାରିଖରେ Commercial Operation Date (COD) ଘୋଷଣା ପରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଚୁକ୍ତି ଅନୁସାରେ 36 ମାସର ସମୟସୀମା ନିର୍ଦ୍ଧାରିତ ରହିଛି, ଯାହା 14.10.2026 ରେ ସମାପ୍ତ ହେବ।

ଏହି ମଧ୍ୟବର୍ତ୍ତୀ ସମୟ (2019–2023) ମଧ୍ୟରେ ସହରର ଦୈନନ୍ଦିନ ଅବଶିଷ୍ଟ ଭୁଆସୁଣିକୁ ପଠାଯାଇଥିବାରୁ ସଂଚିତ ପରିମାଣ ବୃଦ୍ଧି ପାଇଛି। ବର୍ତ୍ତମାନ ଡ୍ରୋନ୍ ସର୍ଭେ ଅନୁସାରେ ସମୁଦାୟ ଭାବେ ପ୍ରାୟ 25 ଲକ୍ଷ MT ଅବଶିଷ୍ଟ ସଂଚିତ ଥିବା ଜଣାପଡ଼ିଛି।

ବର୍ତ୍ତମାନ M/s Jagruti Welfare Organisation 16 ଲକ୍ଷ MT Processing କାର୍ଯ୍ୟ ଜାରି ରଖିଛନ୍ତି ଏବଂ ଚୁକ୍ତି ଅନୁଯାୟୀ 14.10.2026 ମଧ୍ୟରେ ଏହା ସମାପ୍ତ କରିବେ। ଅବଶିଷ୍ଟ 09 ଲକ୍ଷ MT Legacy Waste ପ୍ରସେସିଂ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକ୍ରମେ 4.5 ଲକ୍ଷ MT କ୍ଷମତାର 02 (ଦୁଇ)ଟି ପୃଥକ ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାର ଅନୁମୋଦନ ସଂପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXXX-II-SWMPMU-143/24-25 ପୃଷ୍ଠା ସଂଖ୍ୟା- 1/N ରୁ 5/N ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୭(୧୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୯).ଜନସାଧାରଣ ଅଭିଯୋଗ ଅନୁସାରେ ୱାର୍ଡ ନଂ-୩୦, ସହୀଦ ନଗରରେ ପ୍ଲଟ୍ ନଂ-୧ ରୁ ପ୍ଲଟ୍ ନଂ-୭୩୦ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମାନ୍ୟବର ମେୟର ମହୋଦୟା ତା ୨୧.୧୧.୨୦୨୫ ରିଖରେ ସ୍ଥଳ ପରିଦର୍ଶନ କରିଥିଲେ । ସେଥିରେ ସ୍ଥାନିୟ କର୍ପୋରେଟର ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ସମ୍ପ୍ରତି BT କାମ ସମାପ୍ତ ହୋଇଥିଲା । କାର୍ଯ୍ୟର ଗୁଣମାନ ସମ୍ପର୍କରେ ମାନ୍ୟବର ମେୟର ମହୋଦୟା ଅସନ୍ତୋଷ ପ୍ରକାଶ କରିଥିଲେ । ଶୀତ ଋତୁରେ ସମ୍ପ୍ରତି BT ରାସ୍ତା କାମ ସମାପ୍ତ ହୋଇଥିବା ସହ ନିର୍ଦ୍ଧାରଣ ସମୟ ମଧ୍ୟରେ ଯଥୋଚିତ ବ୍ଲେଣ୍ଡ କାର୍ଯ୍ୟ ସଠିକ ଭାବେ ହୋଇନଥିବା ଉଲ୍ଲେଖ କରିଥିଲେ ।

ଏହି ପରିପ୍ରେକ୍ଷିତରେ BT ରାସ୍ତାର ଗୁଣମାନ ନିର୍ଣ୍ଣୟ ପାଇଁ ସରକାରୀ ପ୍ରୟୋଗଶାଳାରେ ପରୀକ୍ଷା କରାଇବାକୁ ମାନ୍ୟବର ମେୟର ମହୋଦୟା ନିର୍ଦ୍ଦେଶ ଦେଇଥିଲେ ।

ତଦନୁସାରେ EE-III ଙ୍କ ପକ୍ଷରୁ ୦୬.୦୧.୨୦୨୬ ତାରିଖରେ ଉପ ନିର୍ଦ୍ଦେଶକ, ଗବେଷଣା, RD & DP (R&B) ଭୁବନେଶ୍ୱରଙ୍କୁ BM ଓ SDBC ପରୀକ୍ଷା ପାଇଁ ପତ୍ର ପ୍ରେରଣ କରାଯାଇଥିଲା । ସମ୍ବନ୍ଧିତ କର୍ତ୍ତୃପକ୍ଷ ସ୍ଥଳ ପରିଦର୍ଶନ କରି ୩ଟି ଭିନ୍ନ ଭାଗରୁ କୋର କଟିଂ ମାଧ୍ୟମରେ BM ଓ SDBC ର ନମୁନା ସଂଗ୍ରହ କରିଥିଲେ । ମୋଟ ୯ଟି ନମୁନା ପରୀକ୍ଷା ପାଇଁ ଗ୍ରହଣ କରାଯାଇଥିଲା । ତା ୦୩.୦୨.୨୦୨୬ ରିଖରେ ପରୀକ୍ଷା ପ୍ରତିବେଦନ ଦାଖଲ କରାଯାଇଥିଲା । ପ୍ରତିବେଦନ ଅନୁଶାରେ BM ର ଗୁଣମାନ ବିଟୁମିନ ମାତ୍ରା ସହ ନିର୍ଦ୍ଧାରିତ ମାନଦଣ୍ଡ ସମକକ୍ଷ ରହିଥିଲା । SDBC ଭାବରେ ୩ଟି ଭାଗ ମଧ୍ୟରୁ ୨ଟି ଭାଗ ନିର୍ଦ୍ଧାରିତ କୋଡ୍ ଅନୁଯାୟୀ ଉତମ ଗୁଣମାନର ଥିବାବେଳେ ୧ ଟି ଭାଗରେ ଗୁଣମାନ ପର୍ଯ୍ୟାପ୍ତ ନଥିବା ଦେଖାଯାଇଥିଲା, ତଥାପି ପ୍ରସ୍ଥ ମାପ ପ୍ରାୟ ସମାନ ରହିଥିଲା ।

ଏହି ପରିସ୍ଥିତିରେ ଉକ୍ତ ଅଂଶକୁ ଅତିରିକ୍ତ SDBC ସ୍ତର ଦେଇ ସୁଧାର କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା କର୍ପୋରେସନଙ୍କ ଅବଗତ ନିମନ୍ତେ ଉପସ୍ଥାପନ କରାଗଲା । ନଥି ନଂ-XXIX-DIV-II-1164/2022

ନିର୍ଦ୍ଧାରଣ-୭(୧୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୦).କ୍ରିମାଟୋରିୟମ୍ ଉପବିଭାଗରୁ ମିଳିଥିବା ନଥି ନଂ-0005-2025 ମୁତାବକ କାର୍ଯ୍ୟରେ ଅବହେଳା କରିଥିବାରୁ ଶ୍ରୀ ପ୍ରକାଶ କୁମାର ପଣ୍ଡା, ସି.ଏଲ୍.ଆର୍ ଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXI-DLR-682/21 ଟିପ୍ପଣୀ-୧ ରୁ ୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୦).ପ୍ରସ୍ତାବ ବର୍ଣ୍ଣିତ ଶ୍ରୀ ପ୍ରକାଶ କୁମାର ପଣ୍ଡା ସି.ଏଲ୍.ଆର୍ ଙ୍କୁ ଅନ୍ୟ ଉପବିଭାଗକୁ ବଦଳି କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨୧).କ୍ରିମାଟୋରିୟମ୍ ଉପବିଭାଗରୁ ମିଳିଥିବା ନଥି ନଂ-0005-2025 ମୁତାବକ ଶ୍ରୀ ଦଣ୍ଡୀ/ଦଣ୍ଡେଶ୍ୱର ନାୟକ, ପି-ବାମ ନାୟକ, ଡ଼ି.ଏଲ୍.ଆର୍ ସୁଇପରଙ୍କୁ କାର୍ଯ୍ୟରେ ଅକ୍ଷମତା ଦୃଷ୍ଟିରୁ କାର୍ଯ୍ୟରୁ ଅନ୍ତର କରାଯିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXI-DLR-106/21 ଟିପ୍ପଣୀ-୧ ରୁ ୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୧).ପ୍ରସ୍ତାବ ବର୍ଣ୍ଣିତ ଶ୍ରୀ ଦଣ୍ଡେଶ୍ୱର ନାୟକ ଡ଼ି.ଏଲ୍.ଆର୍ ଙ୍କୁ ଅନ୍ୟ ଉପବିଭାଗକୁ ବଦଳି କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨୨).ଭୁବନେଶ୍ୱର ମହାନଗର ନିଗମର ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହିତ କମ୍ୟୁନିଟି ସେଂଟର ଗୁଡ଼ିକର ମରାମତି ଖର୍ଚ୍ଚକୁ ଦୃଷ୍ଟିରେ ରଖି ମହାନଗର ନିଗମ ଅଧିନରେ ଥିବା ଦୁଇ ଗୋଟି କମ୍ୟୁନିଟି ସେଂଟର ଯଥା- ବୁଦ୍ଧେଶ୍ୱରୀ କମ୍ୟୁନିଟି ସେଂଟର (ଟ ୮,୮୫୦/-ଙ୍କା) ଏବଂ ଶାସ୍ତ୍ରୀନଗର କମ୍ୟୁନିଟି ସେଂଟରର (ଟ୧୧,୮୦୦/-ଙ୍କା) ଜି.ଏସ୍.ଟି ସହିତ ଭଡ଼ା କମ୍ ଥିବାରୁ ଏହାର ଭଡ଼ା କପିଳେଶ୍ୱର କମ୍ୟୁନିଟି ସେଂଟର ଭଡ଼ା ଦୈନିକ ଟ୧୮,୦୫୪/-ଙ୍କା ଜି.ଏସ୍.ଟି ସହିତ (ଭଡ଼ା ଟ୧୫,୩୦୦/-ଙ୍କା + ଜି.ଏସ୍.ଟି ଟ୨,୭୫୪/-ଙ୍କା) ଭଡ଼ା ସମାନ ରଖିବା ପାଇଁ ଏବଂ ଅନ୍ୟାନ୍ୟ ସର୍ତ୍ତ ଗୁଡ଼ିକ ଅପରିବର୍ତ୍ତିତ ରଖିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXVIII-(KM)-02/2026 ଟିପ୍ପଣୀ-୮ ରୁ ୧୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୩). ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ୟର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of pavered road and drain in Ward No.-64<br>File No.-XXIX-Div.-II-64/2024 | Rs.3,24,44,358/- | Rs.3,33,85,244/- | Biswajit Kanungo | 2.90<br>Unnati Scheme<br>2025-26 |

ନିର୍ଦ୍ଧାରଣ-୭(୨୩).ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-I(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୪). ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ୟର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Construction of RCC drain from Revenue Plot No.-1705 to Trinity Hospital of Bhoi Nagar on Main Drain No.-4<br>File No.-XXXXXV-(D)-137/2025 | Rs.2,96,79,726/- | Rs.2,67,14,720/- | Sukanta Ku.Mohanty<br>L-2 Bidder | 9.99<br>UNNATI Fund |

ନିର୍ଦ୍ଧାରଣ-୭(୨୪).ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-I(c) ତା ୨୨.୦୫.୨୦୧୮ ରିଖ-ତଥା-OPWD Code ସର୍ତ୍ତ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୫). ମାନନୀୟା ମେୟର, ବି.ଏମ୍.ସି ଙ୍କର ଅଧ୍ୟକ୍ଷତାରେ ହୋଇଥିବା International Women's Day-2026 ମିଟିଙ୍ଗ୍ ତା ୧୯.୦୨.୨୦୨୬ ରିଖ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା International Women's Day-2026 ର ସୁପରିଚ୍ୟଳନା ପାଇଁ ଭୁବନେଶ୍ୱର ମହାନଗର ନିଗମରେ ତାଲିକାଭୁକ୍ତ ଏଜେନ୍ସି M/s. Celebration Live କୁ ନିଯୁକ୍ତି କରି 8th March, 2026 ସମାରୋହରେ ସକାଳ କାର୍ଯ୍ୟକ୍ରମରେ ପଦଯାତ୍ରା (ମାଷ୍ଟର କ୍ୟାଂଟିନ୍ ଠାରୁ ବି.ଏମ୍.ସି ଅଫିସ୍) ଏବଂ ସନ୍ଧ୍ୟା କାର୍ଯ୍ୟକ୍ରମରେ Cultural ଏବଂ ପୁରସ୍କାର ବିତରଣ ଉତ୍କଳ ମଣ୍ଡପ ଠାରେ ଆୟୋଜନ କରିବା ପାଇଁ ଏବଂ ଏଥି ସହ ଏହି କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ଟ୨୧,୫୩,୨୫୦/-(ଏକୋଇଶୀ ଲକ୍ଷ ତେପନ ହଜାର ଦୁଇ ଶହ ପଚ଼ଶ ଟଙ୍କା) ମାତ୍ର ଅନୁମାନିକ ବଜେଟ୍ ବ୍ୟବସ୍ଥା କରାଯାଇଅଛି । ଏହା ସହିତ କାର୍ଯ୍ୟକ୍ରମ ସମୟରେ ଆକସ୍ମିକ ଆବଶ୍ୟକତା ପୂରଣ ପାଇଁ ଅତିରିକ୍ତ ଟ ୧,୦୦,୦୦୦/-ଙ୍କା (ଏକ ଲକ୍ଷ ଟଙ୍କା) ମାତ୍ର ପର୍ଯ୍ୟନ୍ତ ବ୍ୟୟ ସୀମିତ ରଖିବା ପାଇଁ କର୍ପୋରେସନଙ୍କ ବିଚ୍ୟର :-
ନଥି ନଂ- XXXXX-II-SBAC-53/25

ନିର୍ଦ୍ଧାରଣ-୭(୨୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବେସରକାରୀ ଜାଗାରେ (ପ୍ରାଇଭେଟ୍ ଲ୍ୟାଣ୍ଡ) ବିଜ୍ଞାପନଫଳକ ଲଗାଇବା ପାଇଁ Empanelled ହୋଇଥିବା ସଂସ୍ଥା ମାନଙ୍କ ଠାରୁ Self-declaration ପତ୍ର ଗ୍ରହଣ କରାଯିବା ପରେ Cyberswift Report ସହ ମିଳାଇ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷ ପର୍ଯ୍ୟନ୍ତ

ସମୁଦାୟ ଟ୧୬,୭୯,୩୫,୦୭୦ ର Provisional Demand Notice ପ୍ରସ୍ତୁତ କରାଯାଇଛି । ସଂସ୍ଥା ମାନଙ୍କ ଉପରେ ୨୦୨୫-୨୦୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବକେୟା ପରିମାଣର ଏକକିତା ନକଲ Annexure-I ରେ ପ୍ରଦତ କରାଯାଇଅଛି । ସଂସ୍ଥା ମାନଙ୍କ ସହ ଆଲୋଚନା ପରେ ଓ ସେମାନଙ୍କର Self-declaration ଉପରେ ତର୍ଜମା କରାଯାଇ Cyberswift Report ସମ୍ପର୍କରେ ନିମ୍ନଲିଖିତ issue ଗୁଡ଼ିକ ନଜରକୁ ଆସିଛି ।

୧- Cyberswift Report ରେ କେତେ ଗୁଡ଼ିଏ ବିଜ୍ଞାପନଫଳକ ପାଇଁ ପ୍ରକାଶ ପାଇଥିବା ସଂସ୍ଥା ଗୁଡ଼ିକର ନାମ ଠିକ୍ ଭାବେ ଚିହ୍ନିତ କରାଯାଇନାହିଁ, ଯେଉଁଥିପାଇଁ ଅନେକ ଗୁଡ଼ିଏ Unclaim hoarding ଚିହ୍ନିତ ହୋଇଛି ।

୨- Cyberswift Report ରେ ରହିଥିବା କେତେକ ବିଜ୍ଞାପନଫଳକ ଗୁଡ଼ିକର ମାପକୁ ସଂସ୍ଥାମାନେ ଅଗ୍ରାହ୍ୟ କରିଛନ୍ତି, ସେଥିପାଇଁ ସଂସ୍ଥାମାନେ Self-declaration ରେ ପ୍ରଦାନ କରିଥିବା ମାପକୁ ଗ୍ରହଣ କରାଯାଇ Provisional Demand Notice ପ୍ରସ୍ତୁତ କରାଯାଇଛି ।

୩-ସଂସ୍ଥାମାନଙ୍କ ମତ ଅନୁଯାୟୀ କେତେ ଗୁଡ଼ିଏ Back Support Structure କୁ ବିଜ୍ଞାପନଫଳକ ରୂପେ Cyberswift Report ରେ ଗ୍ରହଣ କରାଯାଇଛି ।

୪-ପ୍ରକାଶ ଥାଉକି, Cyberswift Report Final Report 2023 September ମାସରେ ଦାଖଲ କରିଥିଲେ ଓ ଏହାକୁ ଭିତି କରି କୌଣସି ସଂସ୍ଥା ମାନଙ୍କ ସହ ଯୋଗାଯୋଗ କରାନଯାଇ, ଉପରୋକ୍ତ issue ଗୁଡ଼ିକୁ ଅଣଦେଖା କରାଯାଇ ପିଛିଲା ଭାବେ ୨୦୨୩-୨୪ ଆର୍ଥିକ ବର୍ଷ ଠାରୁ Demand Notice ପ୍ରସ୍ତୁତ କରାଯାଇଛି ଯାହାକୁ ସଂସ୍ଥାମାନେ ଅଗ୍ରାହ୍ୟ କରିଛନ୍ତି ଓ କେତେକ ସଂସ୍ଥା ମାନେ ସେହି ସମୟ ମଧ୍ୟରେ ବିଜ୍ଞାପନ ଉଠାଇ ଦେଇଥିବାର ପ୍ରମାଣ ମଧ୍ୟ ଦାଖଲ କରିଛନ୍ତି । ଏଣୁ ସଂସ୍ଥା ମାନଙ୍କ ଠାରୁ ୨୦୨୩-୨୦୨୪ ଆର୍ଥିକ ବର୍ଷରେ Self-declaration ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା Demand କୁ ହିସାବକୁ ନିଆଯାଇ Provisional Demand Notice ପ୍ରସ୍ତୁତ କରାଯିବ ।

ଏହିସବୁ issue କୁ ଦୃଷ୍ଟିରେ ରଖି ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ Cyberswift Report ସହ ମିଳାମିଶା କରାଯାଇ Provisional Demand Notice ପ୍ରସ୍ତୁତ କରାଯିବ ।

ଉପରୋକ୍ତ issue ଗୁଡ଼ିକର ସମାଧାନ ପାଇଁ ଗୋଟିଏ କମିଟି କରାଯାଇ ତଦନ୍ତ କରାଯିବା ପରେ ଉକ୍ତ କମିଟି ରିପୋର୍ଟ ଆଧାରରେ Final Demand Notice ପ୍ରସ୍ତୁତ କରାଯିବ । ଭୁବନେଶ୍ୱର ମହାନଗର ନିଗମାଂଚଳରେ ରହିଥିବା ସରକାରୀ ଓ ବେସରକାରୀ ଜାଗା ଉପରେ ଲଗାଯାଇଥିବା ବିଜ୍ଞାପନଫଳକ ଗୁଡ଼ିକର Structural Stability Certificate କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ, ଯେଉଁଥିପାଇଁ ଫଳକ ଗୁଡ଼ିକ ଅକସ୍ମାତ ଭାଙ୍ଗି ପଡ଼ିବାରୁ ଜନସାଧାରଣଙ୍କର ଜୀବନ ବିପଦରେ ପଡୁଛି, ଏଣୁ ଜନସାଧାରଣଙ୍କ ଜନଜୀବନକୁ ଦୃଷ୍ଟିରେ ରଖି State Govt. Registered Engineering ସଂସ୍ଥା ମାନଙ୍କ ଦ୍ୱାରା Verification କରାଯିବା ପରେ Structural Stability Certificate ପ୍ରସ୍ତୁତ କରାଯାଇ ସମ୍ପୃକ୍ତ Advertisement ସଂସ୍ଥାମାନେ ତୁରନ୍ତ ବି.ଏମ୍.ସି କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ-XXII-(L)-94/2025 ଟିପ୍ପଣୀ ପୃଷ୍ଠା-୧୩ ରୁ ୧୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ଦାବିଦାର ନଥିବା ବିଜ୍ଞାପନଫଳକ ଗୁଡ଼ିକ ଏକ ମାସ ମଧ୍ୟରେ କାଟିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୩.୦୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୫.୦୨.୨୦୨୬ ରିଖ

# Expenditure incurred from Matured Fixed Deposits of BMC

| Date | Vr No | Detail of Expenses | Purpose | Amount(Rs) |
|---|---|---|---|---|
| 24.09.2025 | 1580 | Towards mechanical & manual sweeping under package-I for the month of July & august-2025 | Sanitation Expenses | 1,24,04,952 |
| 26.09.2025 | 1605 | Towards door to door collection of segregated waste & O & M of LCV/BOV engaged in decentralised waste management system alloted in w.n-54, 60,61 & 67 for the month of July-2025 & Aug-2025 | Sanitation Expenses | 16,00,530 |
| 26.09.2025 | 1603 | for the sanitation work such as street sweeping, drain cleaning & destiling, bush uprooting & conservancy cleaning under New-package no-iv payment for the pariod jhuly-2025 & Aug-2025 | Sanitation Expenses | 2,37,52,338 |
| 26.09.2025 | 1604 | Submission of monthly lump sum sanitation bill for the street sweeping, drain, cleaning & desilting, bush uprooting & conservancy cleaning work of M/S pratyush under package-I for the month of June-25, July-25 & august-25 | Sanitation Expenses | 2,96,03,205 |
| 03.10.2025 | 1624 | Towards O & M charges of 48 nos public /project Samman Toilet complex (48 nos ) in BMC area for the month of August-2025 & July-2025 including purchase of Crompoton 1.5 HP 4 W Sub pump & Control panel box at Sulabha Hybrid Toilet complex at Barabhuja market, bhubaneswar | Toilet Expenses | 51,32,174 |
| 03.10.2025 | 1631 | Consulting fees of BMC PMU for May to july-2025 | Consultancy Fee | 84,25,352 |
| 03.10.2025 | 1625 | Supply of security services and deployment of security personnel at wealth centers or MCC sites at BMC central Squard team for the month of April-2025 | Security Expenses | 47,82,504 |
| 03.10.2025 | 1626 | Supply of fuel to BMc vehicle from HPCL through HPCL drive track plus programme for the period from 01.09.2025 to 15.09.2025 | Fuel Expenses | 90,94,813 |
| 03.10.2025 | 1629 | Towards remuneration of Expert, DEO cum Accountant, Engineers & Staff engaged at Satya nagar Crematorium Staff & at UPHC Naharakanta, BMC for the month of Sept-2025 | Outsource Salary | 17,03,494 |
| 03.10.2025 | 1630 | Remuneration of Technical support unit in drainage Div-I,II BMC | Outsource Salary | 6,33,396 |
| 04.10.2025 | 1642 | Towards hire charges of 2 nos of Hyva & 1 noHyundai-215 | Hire charges of vehicle | 22,88,630 |
| 04.10.2025 | 1639 | Towards Maintenance of plantation from the month of March-25 to July-2025 for 5 months | Plantation Expenses | 3,34,494 |
| 04.10.2025 | 1638 | Towards O & M cost of beggar rehabilition Center for the period from January-2025 to may-2025 out of BMC fund subject to receive from Funds alloted by Govt | Beggar Rehabilition | 14,11,280 |
| 04.10.2025 | 1639 | Towards Maintenance of plantation from the month of March-25 to July-2025 for 5 months | Plantation Expenses | 3,34,494 |
| 04.10.2025 | 1635 | Payment file of dedicated enforcement squad under BMC | Security Expenses | 35,46,223 |
| 04.10.2025 | 1641 | Maintenance of plantations from the month of April-25 to August-25 | Plantation Expenses | 1,05,267 |
| 08.10.2025 | 1663 | Payment file of Green circle sanitation Agency package-10 | Sanitation Expenses | 89,50,046 |
| 08.10.2025 | 1664 | Towards management of green garbage & loose C & D waste collection & transportation in SEZ under package-7 for BMC in w.n-28,29,30 from May -2024 to March-2025 | Sanitation Expenses | 21,11,168 |
| 08.10.2025 | 1665 | Payment file of JWO NZ package-II | Sanitation Expenses | 2,14,57,290 |
| 09.10.2025 | 1666 | Towards segregated door to door waste collection & (O&M) of BoV/LCV engaged in decentralised waste management system for the month of June-2025 | Sanitation Expenses | 1,05,56,558 |
| 09.10.2025 | 1666 | Towards segregated door to door waste collection & (O&M) of BoV/LCV engaged in decentralised waste management system for the month of June-2025 | Sanitation Expenses | 1,05,56,558 |

| Date | Vr No | Detail of Expenses | Purpose | Amount(Rs) |
|---|---|---|---|---|
| 09.10.2025 | 1667 | Construction of crematorium at Laxmisagar in w.n-43 | Crematorium Expenses | 63,41,944 |
| 09.10.2025 | 1668 | Construction of paver road & drain in w.n-49 & 37 | Constr of Road | 98,20,601 |
| 09.10.2025 | 1678 | Construction of RCC drain wall at Ketaki enclave to canal Road gajapati Residency on main drain no-10 in w,n-33 | Construction of Drain | 1,04,46,985 |
| 17.10.2025 | 1718 | Towards management of green garbage & loose C & D waste collection & transportation in SEZ under package-4 for BMC for w.n-15,22,23 from May-2025 to July-2025 | Sanitation Expenses | 9,92,406 |
| 17.10.2025 | 1719 | Towards door to door collection of segregated waste & O & M of LCV /BOV engaged in decentralised waste management system for package-1 & $4 of Niladri vihar, prasanti vihar , kanan vihar & Bharatpur MCC and ward no--1,2,6,8,14 for package no-1 & ward no-22,23,24,49 for package no-4 for the month of Jan,Feb & mar-2025 | Sanitation Expenses | 2,12,17,264 |
| 17.10.2025 | 1720 | Towards door to door collection of segregated waste & O & M of LCV /BOV engaged in decentralised waste | Sanitation Expenses | 2,68,17,969 |
| 18.10.2025 | 1734 | Payment file of ourland package-7 for the month of July & august-2025 | Sanitation Expenses | 84,00,103 |
| 18.10.2025 | 1735 | door to door collection of segregated municipal solid waste for the month of July-025 | Sanitation Expenses | 1,71,27,674 |
| 18.10.2025 | 1736 | door to door collection of segregated municipal solid waste for the month of July & August-2025 | Sanitation Expenses | 2,65,87,399 |
| 18.10.2025 | 1737 | Payment file of ourland package-6 for the month of July & -2025 | Sanitation Expenses | 87,05,339 |
| 18.10.2025 | 1738 | Payment file of ourland package-9 for the month of July & august-2025 | Sanitation Expenses | 78,65,244 |
| 25.10.2025 | 1762 | Door to door collection & transportation of solid waste & o & M of BOV & LCV for ward nc-28,29,35,36,41 & lv market under BMC | Sanitation Expenses | 1,47,66,053 |
| | | **Total** | | **31,78,73,747** |

| | | | | |
|---|---|---|---|---|
| 02.01.2026 | 2184 | Payment for package-6 for august-, sept & Oct-2025 | Sanitation Expenses | 2,62,36,622 |
| 03.01.2026 | 2185 | Payment file of M/s Pratyush Package-1 for the month of Oct-2025 | Sanitation Expenses | 98,47,898 |
| 03.01.2026 | 2186 | Payment of MSW package-1 for the month of Oct-25 | Sanitation Expenses | 1,12,74,511 |
| 03.01.2026 | 2187 | FOR PAYMENT OFTHE MAINTENANCE BILL OF M/S BASIX MUNICIPL WASTE VENTURES for the month of Oct-2025 | Sanitation Expenses | 25,66,860 |
| 12.01.2026 | 2254 | towards door to door waste collection & o& M of BOV/LCV engaged in decentralised waste management system for the month of Sept-2025 | Sanitation Expenses | 1,67,05,293 |
| 13.01.2026 | 2261 | Towards door to door collection of segregated municipal solid waste along with associated IEC activities | Sanitation Expenses | 1,47,70,782 |
| 16.01.2026 | 2289 | E payment file of package II JWO | Sanitation Expenses | 1,21,93,736 |
| 21.01.2026 | 2319 | towards payment of incentives to workers engaged through WSHG groups under decentralised waste mgmt system of BMC | Swachha sathi Incentives | 2,99,35,200 |
| 21.01.2026 | 2321 | Maintenance bill of vehicle of vikash NGO for the month of aug-2025, sept-2025 & Oct-2025 | R & M of Vehicle | 80,24,970 |
| 21.01.2026 | 2322 | maintenance bill of Vehicle of SAHA NGO | R & M of Vehicle | 9,40,772 |

2(r)

| Date | Vr No | Detail of Expenses | Purpose | Amount(Rs) |
|---|---|---|---|---|
| 21.01.2026 | 2323 | For the expenditure made for sanitation activities on the occasion of different event Such as AIIMS hospital to Ahar Center cleaning at durga Puja mandap-2025 | Sanitation Expenses | 6,04,186 |
| 20.01.2026 | 2317 | Constr of paver road & drain from guidiance english medium school via parimala kendra PWD road Dumuduma in w.n-65 | Construction of Road | 1,01,68,917 |
| 20.01.2026 | 2318 | Construction of pavered road & drain in w.n-32 | Construction of Road | 2,72,12,821 |
| 22.01.2026 | 2346 | Towards supply of security services & deployment of security personnel at wealth center or MCC sites, BMC, Deployment of beggars, Team leaders & guards at South east, north & south west zone office Chandrasekharpur Kalyan Mandap & lingaraj temple area, drying yard TTS & TTS near Sainik School at BMC central squad team for the months of Sept-2025 & Oct-2025 | Security Bill | 94,90,112 |
| 28.01.2026 | 2375 | Towards cost of fuel provided on ctredit to BMC owned/hired vehicles / machineries for the period from dt16.12.2025 to 31.12 | Fuel Charges | 1,07,96,326 |
| 29.01.2026 | 2376 | Constr of ward office in w.n-33 | Ward office | 38,57,529 |
| 29.01.2026 | 2377 | Constr of ward office in w.n-51 | Ward office | 20,58,818 |
| | | Total | | 19,66,85,353 |

24-2-26

List of landscaping corridors to be handed over to BMC

| Sl. No. | Name and Nature of Project | Location | unit | Length/ Area | Nodal Agency | Implementing Agency | Period of Implementation | Remarks |
|---|---|---|---|---|---|---|---|---|
| 1 | Landscape development from Manchewar railway Station to Damana | Gadakana, BBSR | sft | 48665 | BDA | OFDC/DM Jajpur/Baripada | January 2024 to March 2026 | Handed over will be effective from 1st April 2026 |
| 2 | Median development from Manchewar railway Station to Damana | Gadakana, BBSR | km | 1.36 | BDA | -do- | January 2024 to March 2026 | Handed over will be effective from 1st April 2026 |
| 3 | Median Development from Patia Railway Station to Patia Big Bazar | Patia, BBSR | km | 1.42 | BDA | -do- | January 2024 to March 2026 | Handed over will be effective from 1st April 2026 |
| 4 | Landscape from AG Chowk to Acharya Vihar including Sachivalaya marg | AG square to Acharya Vihar Bus Stopage, BBSR | Sft | 44821.62 | BDA | BDA | | Handed over will be effective on immediate basis |
| 5 | Streetscaping at Dumduma Area, Bhubaneswar | | | | | | | |
| i | from BMC Souchalaya to Saraswati Vidya mandir, Dumduma | Dumduma, BBSR | km | 0.1 | BDA | BDA | | Handed over will be effective on immediate basis |
| ii | Streetscaping at front side of Welcome hotel | | km | 0.06 | BDA | BDA | | Handed over will be effective on immediate basis |
| iii | Streetscaping along NH Corridor ( Infront of BDA appartment and besides DN regalia) | | km | 0.15 | BDA | BDA | | Handed over will be effective on immediate basis |

Length of Median (Km) 3.09
Area of streetscaping (Sqft) 93486.62

Chief Horticulturist
BDA, Bhubaneswar

## ANNEXURE-1

List of Outstanding Balance Amount up to 2025-26 of Advertisin Agency on private land.

| Sl No. | Name of the Agency | Outstanding Balance Amount up to 2025-26 (in Rs.) |
|---|---|---|
| 1 | Interface | 23,05,753 |
| 2 | Saroj Ads | 30,26,342 |
| 3 | Apollo Advertisement | 8,12,779 |
| 4 | Torrent Advertiser | 2,46,60,852 |
| 5 | Ajanta Advertiser | 80,37,731 |
| 6 | AD centre | 23,47,238 |
| 7 | Chitralok Advertising | 1,09,01,683 |
| 8 | Apex Publicity | 68,62,589 |
| 9 | SPL Outdoor Advertising | 1,05,29,294 |
| 10 | Karukrit Advertisement | 44,40,527 |
| 11 | Boliva Advertisement | 35,72,585 |
| 12 | Galaxy Ads | 53,18,823 |
| 13 | Media Mind Advertising | 31,70,421 |
| 14 | Metro Sign | 85,97,890 |
| 15 | Team Admark Pvt. Ltd. | 19,32,090 |
| 16 | Sagar Creative Ads & Solution | 14,94,652 |
| 17 | Ramayan Advertiser | 26,78,134 |
| 18 | Lalit Media Services | 16,37,964 |
| 19 | Selvel Advertising Pvt. | 2,27,55,205 |
| 20 | Bharat Advertisers | 54,92,461 |
| 21 | Prince Advertisers | 2,56,45,688 |
| 22 | Hindustan Advertising | 79,92,197 |
| 23 | Nilakhanteswar Advertisers | 13,93,037 |
| 24 | Jagaran Engage | 23,29,135 |
| | **Total** | **16,79,35,070** |

24/2/26